52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 119 | Brahmapur | Friday 12 June 2026 | ବର୍ଷ: ୪୫/ ଅଙ୍କ: ୧୧୯ | ଶୁକ୍ରବାର ୧୨ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ୫.୫.୦୦

ମୁହାଁମୁହିଁ ହେଲେ ଦୁଇ ଟ୍ରେନ୍

ଭୁବନେଶ୍ୱର,୧୧।୬: ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି ୨ ଟ୍ରେନ୍। ଆଜି ସକାଳୁ ଭୁବନେଶ୍ୱରର ଝାରପଡାସ୍ଥିତ ରେଳ ବ୍ରିଜ୍ ନିକଟରେ ଗୋଟିଏ ଧାରଣାରେ ଦୁଇଟି ଟ୍ରେନ୍ ଚାଲିଆସିଥିଲା। ତେବେ ଟ୍ରେନ୍ ଦୁଇଟିର ବେଗ କମ ଥିବାରୁ କୌଣସି କ୍ଷୟକ୍ଷତି ହୋଇନାହିଁ।

ଗୋଟିଏ ଟ୍ରେନ୍ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନରୁ ଡାଉନ୍‌ଲାଇନ୍‌ରେ କଟକ ଅଭିମୁଖେ ଯାଉଥିବା ବେଳେ ଅନ୍ୟଟ ବିପରୀତ ଦିଗରୁ ଆଗକୁ ବଢୁଥିଲା। ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେସନ ଏବଂ ବାଣୀବିହାର ରେଳଷ୍ଟେସନ ମଝିରେ ଝାରପଡ଼ା ବ୍ରିଜ ପାଖରେ ଉଭୟଙ୍କର ମଧ୍ୟରେ ମୁହାଁମୁହିଁ ହୋଇଥିଲା। ତେବେ ଉଭୟ ଟ୍ରେନ୍‌ର ଲୋକେ ପାଇଲଟ ଉପସ୍ଥିତ ବୁଦ୍ଧି ଲଗାଇଥିଲେ। ଟ୍ରେନ୍ ୨ଟି ଏକ ବଡ଼ଧରଣର ଅଘଟଣରୁ ବର୍ତ୍ତି ଯାଇଥିଲା। ଟ୍ରେନ୍ ଦୁଇଟି ବିନା ଷ୍ଟେସନରେ ଅଟକିବା ପରେ ଯାତ୍ରୀମାନଙ୍କୁ ସୂଚନା ମିଳିଥିଲା। ଏଥି ସହିତ ହଜାର ହଜାର ଯାତ୍ରୀ ମଧ୍ୟ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବା ବେଳେ ଭାରତୀୟ ରେଳବାଇର ସମ୍ପତ୍ତି ସୁରକ୍ଷିତ ରହିଛି। ଏହି ଅପ୍ରୀତିକର ଘଟଣା ପାଇଁ ଭୁବନେଶ୍ୱର-କଟକ ଡାଉନଲାଇନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରେଳଚଳାଚଳ ବାଧାପ୍ରାପ୍ତ ହୋଇଛି। ତେବେ ଏହି ଅଭାବନୀୟ ଘଟଣା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଅଘଟଣ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି କୁହାଯାଉଛି।

ଆମେରିକା ଟାର୍ଗେଟରେ ଭାରତୀୟ ଜାହାଜ

ହୋର୍ମୁଜରେ ତିନି ଦିନରେ ତିନି ଜାହାଜକୁ ଆକ୍ରମଣ

ନୂଆଦିଲ୍ଲୀ, ୧୧।୬ : ଓମାନ ଉପକୂଳ ନିକଟରେ ଏମଟି ଜଲଭୀର ନାମକ ଏକ ମାଲବାହୀ ଜାହାଜ (କାର୍ଗୋ ସିପ୍) ଉପରେ ଆକ୍ରମଣ ହୋଇଛି। ଏହି ଜାହାଜରେ ଭାରତୀୟ ନାବିକମାନେ ମଧ୍ୟ ସ୍ୱାର ଅଛନ୍ତି। ବର୍ତ୍ତମାନ ସୁଦ୍ଧା କେହି ମୃତାହତଙ୍କ ଖବର ମିଳିନଥିବା ବେଳେ ଜାହାଜର ବ୍ୟାପକ କ୍ଷୟକ୍ଷତି ହୋଇଛି । ହୋର୍ମୁଜ୍ ପ୍ରଣାଳୀ ନିକଟରେ ୩ ଦିନ ମଧ୍ୟରେ ଏହା ହେଉଛି ତୃତୀୟ ଆକ୍ରମଣ। ମସ୍କଟ୍ ଡେଲିର ରିପୋର୍ଟ ଅନୁଯାୟୀ, ଜାହାଜରେ ୨୦ ଜଣ ଭାରତୀୟ ନାବିକ ଥିବା ଖବର ରହିଛି। ଏଥିରେ କାହାକୁ ଆଘାତ ଲାଗିଛି କିମ୍ବା ଜାହାଜର କେତେ କ୍ଷତି ହୋଇଛି, ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ହୋର୍ମୁଜ୍ ପ୍ରଣାଳୀ ନିକଟରେ ୩ ଦିନ ମଧ୍ୟରେ କୌଣସି ଜାହାଜ ଉପରେ ଏହା ତୃତୀୟ ଆକ୍ରମଣ ଅଟେ। ଏହା ପୂର୍ବରୁ ମଧ୍ୟ ଭାରତୀୟମାନଙ୍କୁ ନେଇ ଯାଉଥିବା ଦୁଇଟି ଜାହାଜ ଉପରେ ଆକ୍ରମଣ ହୋଇ ସାରିଛି।

ଓମାନରେ ଥିବା ଭାରତୀୟ ଦୂତାବାସ କହିଛି ଯେ ସିନାସ୍ ବନ୍ଦର ନିକଟରେ ଜାହାଜ ସହ ଜଡ଼ିତ ଏହି ଘଟଣା ବିଷୟରେ ସୂଚନା ମିଳିଛି। ଦୂତାବାସ ସ୍ଥାନୀୟ ଅଧିକାରୀଙ୍କ ସହ ଯୋଗାଯୋଗରେ ଅଛି ଏବଂ ସମ୍ପୂର୍ଣ୍ଣ ମାମଲା ଉପରେ ନଜର ରଖିଛି। ଘଟଣାର କିଛି ଚିତ୍ର ସାମ୍ନାକୁ

ଆସିଛି, ଯେଉଁଥିରେ ଜାହାଜରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳୁଛି।

ଏହା ପୂର୍ବରୁ ବୁଧବାର ଦିନ ଓମାନ ଉପକୂଳ ନିକଟରେ ଏକ ମାଲବାହୀ ଜାହାଜ ଉପରେ ଆକ୍ରମଣ ହୋଇଥିଲା। ଏହି ଆମେରିକୀୟ ଆକ୍ରମଣରେ ୩ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଶବ ଉଦ୍ଧାର କରାଯାଇଛି ଏବଂ ଚିହ୍ନଟ ମଧ୍ୟ ସରିଛି। ଜାହାଜରେ ଥିବା ୨୪ ଜଣଙ୍କ ମଧ୍ୟରୁ ୨୧ ଜଣ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର (ରେସ୍କ୍ୟୁ) କରାଯାଇଛି। ପାଲାଉ ପତାକା ଥିବା ସେଟେବେଲୋ ଜାହାଜ ଉପରେ ଏହି ଆକ୍ରମଣ ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି ଯେ ସେଟେବେଲୋ ଜାହାଜରେ ଘଟିଥିବା ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ। ସେ କହିଛନ୍ତି ଯେ ସରକାର ମୃତକଙ୍କ ପରିବାର ସହ ଅଛନ୍ତି ଏବଂ ସମସ୍ତ ସମ୍ଭବ ସହାୟତା ଯୋଗାଇ ଦେବେ। ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଉଦ୍ଧାର କରାଯାଇଥିବା ଭାରତୀୟ ନାବିକମାନଙ୍କୁ ଯଥାଶୀଘ୍ର ଭାରତ ଅଣାଯାଉ ଏବଂ ମୃତକଙ୍କ ଶବ ମଧ୍ୟ ଶେଷକୃତ୍ୟ ପାଇଁ ଶୀଘ୍ର ପଠାଯାଉ। ଏହାର ଦୁଇ ଦିନ ପୂର୍ବରୁ ମଧ୍ୟ ୨୪ ଜଣ ଭାରତୀୟଙ୍କୁ ନେଇ ଯାଉଥିବା ଅନ୍ୟ ଏକ ଜାହାଜ ଉପରେ ଆମେରିକୀୟ ନୌସେନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଆମେରିକା ସେନା ଏହି ଆକ୍ରମଣକୁ ସ୍ୱୀକାର କରିଛି। ଆମେରିକାର କହିବା କଥା ହେଉଛି, ଏହି ଜାହାଜଟି ଇରାନରୁ ତେଲ ନେଇ ଯାଉଥିଲା ଏବଂ ଇରାନର ବନ୍ଦରଗୁଡ଼ିକ ଉପରେ ଆମେରିକା ଲଗାଇଥିବା ସାମୁଦ୍ରିକ ଅବରୋଧ (ନାକାବନ୍ଦୀ)ର ଉଲ୍ଲଂଘନ କରୁଥିଲା। ଏହି କାରଣରୁ ତାହା ଉପରେ ଆକ୍ରମଣ କରାଯାଇଥିଲା। ଇରାନ ଉପରେ ଚାପ ବଢ଼ାଇବା ପାଇଁ ଆମେରିକା ପଶ୍ଚିମ ଏସିଆର ସାମୁଦ୍ରିକ ଅଞ୍ଚଳରେ ଜାହାଜଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହୋର୍ମୁଜ୍ ପ୍ରଣାଳୀ ଉପରେ ଏହି ଅବରୋଧ ଲାଗୁ କରିଛନ୍ତି। ଆମେରିକା ସେହି ସବୁ ଜାହାଜଗୁଡ଼ିକୁ ଅଟକାଇବାକୁ କିମ୍ବା ଟାର୍ଗେଟ୍ କରିବାକୁ ଚେଷ୍ଟା କରୁଛି, ଯେଉଁଗୁଡ଼ିକ ଉପରେ ଇରାନ ସହ ଜଡ଼ିତ ବ୍ୟବସାୟ କିମ୍ବା ଇରାନର ତେଲ ନେଇ ଯାଉଥିବାର ସନ୍ଦେହ ରହିଛି।

ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଫାଇଲ୍ ହଜିବା ମାମଲା

ବିଜେଡି ମୁଣ୍ଡରେ ଅଠା ବୋଳିଲା ବିଜେପି

ଭୁବନେଶ୍ୱର, ୧୧।୬: ଓଡିଶାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨୦୦୮ ମସିହାର ବହୁ ଚର୍ଚ୍ଚିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ ତଦନ୍ତ ରିପୋର୍ଟ ଗାଏବ ହୋଇଯିବା ଘଟଣାରେ ବର୍ଷିଛି ବିଜେପି । ଫାଇଲ୍ ହଜିବାରେ ତତ୍କାଳୀନ ସରକାରର ଏକ ବଡ଼ ଷଡ଼ଯନ୍ତ୍ର ଥିବା କହିଛନ୍ତି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ତ୍ରିପାଠୀ । ଯୋଜନା ବଦ୍ଧଭାବେ ଦୁଇଟି ଫାଇଲକୁ ଲୁଚା ଯାଇଛି କିମ୍ବା ଚୋରି କରାଯାଇଥିବା ବିରଞ୍ଚି ତ୍ରିପାଠୀ ସଙ୍ଗୀନ ଅଭିଯୋଗ କରିଛନ୍ତି । ବିଜେପି ଅଭିଯୋଗ କରିଛି ଯେ ଜଷ୍ଟିସ୍ ଶରତ ଚନ୍ଦ୍ର ନାଇଡୁ ନିଜେ କହିଛନ୍ତି ଦୁଇଟି ଦସ୍ତାବିଜରେ ପାଖାପାଖି ଦେଢ଼ ହଜାରରୁ ଦୁଇ ହଜାର ପୃଷ୍ଠା ସମ୍ବଳିତ ତଦନ୍ତ ରିପୋର୍ଟ ଥିଲା । ଏତେ ବଡ଼ ଫାଇଲ୍ କିପରି ହଜିଲା ବୋଲି ବିଜେପି ପ୍ରଶ୍ନ କରିଛି । ୪ ଜୁନ୍ ୨୦୨୪ରେ ବିଜେପି ସରକାର ଆସିବା ପରେ ଫାଇଲ୍ ଖୋଜା ଯାଇଥିଲା । ଏ ନେଇ ସରକାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଗୃହ ବିଭାଗ ଦାୟିତ୍ୱରେ ଥିବା ତଥା ବର୍ତ୍ତମାନ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ୨୩ ଅକ୍ଟୋବର ୨୦୨୫ରେ ପ୍ରଥମେ ଚିଠି କରାଯାଇଥିଲା । ମାତ୍ର ସେପଟୁ କୌଣସି ଉତ୍ତର ମିଳିନଥିଲା । ଏହା ପରେ ପୁଣି ଥରେ ଗୃହ ବିଭାଗ ପକ୍ଷରୁ ଚିଠି କରାଯାଇଥିଲା ପରେ ୧୫ ନଭେମ୍ବର ୨୦୨୫ରେ ନବୀନଙ୍କ ପ୍ରାଇଭେଟ୍ ସେକ୍ରେଟାରୀ କହିଥିଲେ ଯେ ଫାଇଲକୁ ଖୋଜା ଯାଉଛି ।

ବିଜେପି କହିଛି ଯେ ୨୦୨୪ ସାଧାରଣ ନିର୍ବାଚନ ପରେ ଏହି ସମ୍ବେଦନଶୀଳ ଫାଇଲଗୁଡିକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ଥାନାନ୍ତରିତ ହୋଇପାରିଥାଏ ବୋଲି ସନ୍ଦେହ କରାଯାଉଛି । ଯେତେବେଳେ ଗୃହ ବିଭାଗକୁ ସମସ୍ତ ଫାଇଲ୍ ହସ୍ତାନ୍ତର କରାଯାଇଥିଲା ସେତେବେଳେ ଦୁଇଟି ତଦନ୍ତ ରିପୋର୍ଟ ଫାଇଲ୍ ନ ଥିଲା । ବିଜେପି ଆସିବା ପରେ ରିପୋର୍ଟକୁ ସାର୍ବଜନୀନ କରିବାକୁ ଚେଷ୍ଟା କରିଛି । କିନ୍ତୁ ଏତେ ଗୁରୁତ୍ୱପୂର୍ଣ୍ଣ ହଜିଯିବା ଏବଂ ଖୋଜିବା ପରେ ନମିଳିବା ଦୁଃଖ ଓ ପରିତାପର ବିଷୟ । ଏଥିରେ ଗଭୀର ଷଡ଼ଯନ୍ତ୍ର ଜଡ଼ିତ ରହିଛି । ଏଥିରେ ବିଜେଡ଼ି ଆଉ ନବୀନ ପଟ୍ଟନାୟକଙ୍କ ଅସଲ ଚେହେରା ସାମ୍ନାକୁ ଆସିଛି । ତଦନ୍ତ ହେଲେ ସତ ସାମ୍ନାକୁ ବୋଲି ବିଜେପି କହିଛି । ଉଲ୍ଲେଖ ଯୋଗ୍ୟ, ଗୃହ ବିଭାଗର ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡିଙ୍କ ଅଭିଯୋଗ ଆଧାରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇଟି ତଦନ୍ତ ଫାଇଲ୍ ଚୋରି ହୋଇଛି । ହଜିଥିବା ରିପୋର୍ଟ ହେଉଛି ବିଶ୍ୱ ହିନ୍ଦୁ ପରିଷଦ ନେତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ତଦନ୍ତ ରିପୋର୍ଟ ଏବଂ ୨୦୧୬ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡର ଆରଡିସି ତଦନ୍ତ ରିପୋର୍ଟ । କ୍ୟାପିଟାଲ ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୫, ୩୧୬(୨), ୨୩୮(ସି), ୨୪୧, ୬୧(୨)(ବି)ରେ ଏକ ମାମଲା ରୁଜୁ କରାଯାଇଛି।ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲାରେ ବିଚାରପତି ଶରତ ଚନ୍ଦ୍ର ନାଇଡୁ ତଦନ୍ତ କରିଥିଲେ । ୨୦୧୬ ସେପ୍ଟେମ୍ବର ୧୯ ତାରିଖରେ ଏହାର ତଦନ୍ତ ରିପୋର୍ଟ ଗୃହ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ସେହିପରି ସମ୍ ହସ୍ପିଟାଲ୍ ଆର୍ଡିସି ତଦନ୍ତ ରିପୋର୍ଟ ମେ' ୨୩, ୨୦୧୮ରେ ମୁଖ୍ୟସଚିବଙ୍କ କାର୍ଯ୍ୟାଳୟକୁ ଦିଆଯାଇଥିବାବେଳେ ସେଠାରୁ ମେ' ୨୪, ୨୦୧୮ରେ ସିଏମ୍ଓକୁ ଯାଇଥିଲା। କିନ୍ତୁ ଏହି ଦୁଇଟି ଫାଇଲ୍ ଏବେ ସରକାରଙ୍କୁ ମିଳୁ ନାହିଁ ।

ଡକାୟତି ବେଳେ ଦୁର୍ଦ୍ଦାନ୍ତ ଅପରାଧୀକୁ ଏନକାଉଣ୍ଟର

ଭଦ୍ରକ, ୧୧।୬: ଡକାୟତି ପାଇଁ ଯୋଜନା କରୁଥିବାବେଳେ ଦୁର୍ଦ୍ଦାନ୍ତ ଅପରାଧୀ ପ୍ରଫୁଲ୍ଲ ମଲ୍ଲିକକୁ ଏନକାଉଣ୍ଟର କରିଛି ଭଦ୍ରକ ପୁଲିସ ଗତକାଲି ରାତିରେ ସୋର ଥାନା ଅନ୍ତର୍ଗତ ନୂଆସାହିର ପ୍ରଫୁଲ୍ଲ ଡକାୟତି ପାଇଁ ନୂଆସାହି ଜଙ୍ଗଲରେ ପ୍ରସ୍ତୁତି ବେଳେ ଏନେଇ ପୁଲିସ ଗୁପ୍ତ ସୂଚନା ପାଇଥିଲା ଆଁଉ ପୁଲିସ ଏନେଇ ଚଢ଼ାଉ କରିବା ସମୟରେ ପ୍ରଫୁଲ୍ଲ ପୁଲିସ ଉପରକୁ ଗୁଳି ଚଳାଇଥିଲା ଏହାର ଜବାବରେ ପୁଲିସ ମଧ୍ୟ ଗୁଳି ଚଳାଇଥିଲା ଏଥିରେ ପ୍ରଫୁଲ୍ଲର ଡାହାଣ ଗୋଡ଼ରେ ଗୁଳି ବାଜିଥିବାବେଳେ ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାସ୍ଥଳରୁ ପିସ୍ତଲ, ଖୋକା ଜବତ କରିଛି।ଉଲ୍ଲେଖ ଥାଉ କି ବିଳମ୍ବିତ ରାତିରେ ଭଦ୍ରକରେ ଲୁଟ କରିବା ପାଇଁ ପ୍ରଫୁଲ୍ଲ ଜଣେ ସହଯୋଗୀ ସହ ଯୋଜନା କରୁଥିଲା । ଖବର ପାଇ ଗ୍ରାମାଞ୍ଚଳ ପୁଲିସ ଚଢ଼ାଉ କରିଥିଲା ।

ପୁଲିସର ଏହି ଚଢାଉ ଟିମ ହାତରେ ଧରାପଡ଼ିବା ପୂର୍ବରୁ ଦୁର୍ଦ୍ଦାନ୍ତ ଅପରାଧୀ ପ୍ରଫୁଲ୍ଲ ପୁଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରିବା ସମୟରେ ପୁଲିସ ଏନକାଉଣ୍ଟର କରିଛି । ଘଟଣାସ୍ଥଳରୁ ସହଯୋଗୀ ଫେରାର ହୋଇ ଯାଇଛି । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ବିଭିନ୍ନ ଥାନାରେ ପ୍ରଫୁଲ୍ଲ ନାମରେ ଏକାଧିକ ଅପରାଧିକ ମାମଲା ରହିଛି ।

ଗୃହିଣୀଙ୍କ ଶ୍ରମିକଙ୍କ ସହିତ ତୁଳନା କରାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୬: ସାରା ଦେଶରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୃହିଣୀଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି। ଗୁରୁବାର ଏକ ମାମଲାର ଶୁଣାଣିରେ ମାନ୍ୟବର ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ପରିବାର ପରିଚାଳନା କରୁଥିବା ମହିଳାମାନେ ରାଷ୍ଟ୍ର ନିର୍ମାତା ମାନ୍ୟତା ପାଇବାକୁ ଯୋଗ୍ୟ। କେବଳ ଜଣେ କୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ସହିତ ସେମାନଙ୍କ କାମକୁ ସମାନ କରି ସେମାନଙ୍କ ଅବଦାନକୁ ହ୍ରାସ କରାଯାଇପାରିବ ନାହିଁ। ତେଣୁ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଗୃହିଣୀଙ୍କ ପରିବାରକୁ ମାସିକ ସର୍ବନିମ୍ନ ୩୦,୦୦୦ଟଙ୍କା ଦେବାକୁ ସୁପ୍ରିମକୋର୍ଟ କହିଛନ୍ତି । ସୁପ୍ରିମକୋର୍ଟ ବିଚାରପତି ସଞ୍ଜୟ କାରୋଲ ଏବଂ ବିଚାରପତି ଏନ. କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏକ ନୂତନ ନିୟମ ପ୍ରଣୟନ କରିଛନ୍ତି । ଦୁର୍ଘଟଣାରେ ଗୃହିଣୀଙ୍କର ମୃତ୍ୟୁ ହେଲେ ସେ କରିଥିବା ଯତ୍ନ ଏବଂ ଘରୋଇ କାର୍ଯ୍ୟର ମୂଲ୍ୟ ପ୍ରତି ମାସରେ ସର୍ବନିମ୍ନ ୩୦,୦୦୦ ଟଙ୍କା (ବାର୍ଷିକ ୩.୬ ଲକ୍ଷ ଟଙ୍କା) ମୂଲ୍ୟାଙ୍କନ କରାଯିବ ।

ପୂର୍ବରୁ ଦେଶର କୋର୍ଟ ଏବଂ ଦୁର୍ଘଟଣା ଟ୍ରିବ୍ୟୁନାଲଗୁଡ଼ିକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୃହିଣୀଙ୍କ ପାଇଁ କ୍ଷତିପୂରଣ ନିର୍ଣ୍ଣୟ କରିବା ପାଇଁ ଏକ କାଳ୍ପନିକ ଆୟ ଗ୍ରହଣ କରୁଥିଲେ। ଏହି ଗଣନା ରାଜ୍ୟର ସର୍ବନିମ୍ନ ମଜୁରୀ ଉପରେ ଆଧାରିତ ଥିଲା, ଯାହା ପ୍ରାୟତଃ ବହୁତ କମ୍ ଥିଲା। ଏହି ପୁରୁଣା ନୀତିକୁ ସୁପ୍ରିମକୋର୍ଟ ଆଜିର ଶୁଣାଣିରେ ଖାରଜ କରିଛନ୍ତି । ଘରୋଇ କାମ ଏବଂ ପରିବାର ଯତ୍ନର ପ୍ରକୃତ ଆର୍ଥିକ ଏବଂ ସାମାଜିକ ମୂଲ୍ୟ କେବଳ ଶ୍ରମିକଙ୍କ ମଜୁରୀ ସହିତ ମାପ କରାଯାଇପାରିବ ନାହିଁ । ଗୃହିଣୀମାନେ ରାଷ୍ଟ୍ର ନିର୍ମାତା ମାନ୍ୟତା ପାଇବାକୁ ଯୋଗ୍ୟ। କେବଳ ଜଣେ କୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ସହିତ ସେମାନଙ୍କ କାମକୁ ସମାନ କରି ସେମାନଙ୍କ ଅବଦାନକୁ ହ୍ରାସ କରାଯାଇପାରିବ ନାହିଁ। ତେଣୁ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଗୃହିଣୀଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି । କୋର୍ଟ କହିଛନ୍ତି ଯେ ସଡ଼କ ଦୁର୍ଘଟଣାର ସହାୟତା ବା ଦାବି ସାଧାରଣତଃ ଗୋଟିଏ ବର୍ଷ ମଧ୍ୟରେ ସମାଧାନ ହେବା ଉଚିତ । ଯଦି ପୀଡିତମାନଙ୍କୁ ଦଶନ୍ଧି ଧରି ଅପେକ୍ଷା କରିବାକୁ ବାଧ କରାଯାଏ, ତେବେ ଆଇନର ଉଦ୍ଦେଶ୍ୟ ବିଫଳ ହୋଇଥାଏ । ସମସ୍ତ ରାଜ୍ୟର ମୁଖ୍ୟ ବିଚାରପତିଙ୍କୁ ଏପରି ମାମଲାଗୁଡ଼ିକୁ ବ୍ୟକ୍ତିଗତ ଭାବରେ ତଦାରଖ କରିବାକୁ ଏବଂ ସମୟାନୁସାରେ ସମାଧାନ ସୁନିଶ୍ଚିତ କରିବା ପାଇଁ ପ୍ରଶାସନିକ ନିର୍ଦ୍ଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଉଲ୍ଲେଖନୀୟ, ପଞ୍ଜାବର ଏକ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟଙ୍କ ରାୟ ଆସିଛି । ରେଶମା ନାମକ ଜଣେ ମହିଳାଙ୍କର ନଭେମ୍ବର ୨୦୦୧ରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ୱାମୀ ଏବଂ ତିନି ପିଲା କ୍ଷତିପୂରଣ ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଯଦିଓ ଟ୍ରିବ୍ୟୁନାଲ୍ ୨୦୦୩ରେ ଏକ ରାୟ ଦେଇଥିଲେ, କିନ୍ତୁ ଏହି ମାମଲା ବର୍ଷ ବର୍ଷ ଧରି ଆଇନଗତ ଦ୍ୱନ୍ଦ୍ୱରେ ଫସି ରହିଥିଲା। ଦୁର୍ଘଟଣାର ସମ୍ପୂର୍ଣ୍ଣ ୨୩ ବର୍ଷ ପରେ ଶେଷରେ ଡିସେମ୍ବର ୨୦୨୪ରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ତାଙ୍କର ରାୟ ଶୁଣାଇଲେ।

ପୁରୀ ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

ପୁରୀ,୧୧।୬: ଶ୍ରୀଜଗନ୍ନାଥ ମନ୍ଦିରରେ ଆଜି ବଡ଼ ମହାସ୍ନାନ ନୀତି ଚାଲିଛି। ମନ୍ଦିରର ଭିତର କାଠ ନିକଟରେ ରକ୍ତ ପଡ଼ିଥିବା ଦେଖାଯିବା ପରେ ମନ୍ଦିର ପ୍ରଶାସନ ଓ ସେବାୟତମାନଙ୍କ ପକ୍ଷରୁ ଶାସ୍ତ୍ରୋକ୍ତ ବିଧି ଅନୁଯାୟୀ ବଡ଼ ମହାସ୍ନାନ ନୀତି କରାଯାଉଛି।

ସୂଚନା ଅନୁସାରେ, ମନ୍ଦିର ପରିସରରେ ରକ୍ତ ଚିହ୍ନ ଦେଖାଯିବା ପରେ ଏହାକୁ ଅଶୁଚି ବୋଲି ଗଣ୍ୟ କରାଯାଇଥିଲା। ଏହାପରେ ଶ୍ରୀମନ୍ଦିରରେ ଚଳିଥିବା ନୀତିକାନ୍ତିକୁ ସାମୟିକ ଭାବେ ବନ୍ଦ କରି ବଡ଼ ମହାସ୍ନାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମହାସ୍ନାନ ନୀତି ଚାଲିଥିବା ବେଳେ ଶ୍ରୀଜିଉଙ୍କ ସାଧାରଣ ଦର୍ଶନ ପ୍ରାୟ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରହିଛି। ଫଳରେ ଦର୍ଶନ ପାଇଁ ଆସିଥିବା ଭକ୍ତମାନେ କିଛି ସମୟ ଅପେକ୍ଷା କରିବାକୁ ପଡ଼ିସିଛି। ତେବେ ମହାସ୍ନାନ ନୀତି ଶେଷ ହେବା ପରେ ପୁନର୍ବାର ଶ୍ରୀଜିଉଙ୍କ ନୀତିକାନ୍ତି ସ୍ୱାଭାବିକ ଭାବେ ଆରମ୍ଭ କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଇଥାନଲ ଇନ୍ଧନ ଉପରୁ ଏକ୍ସାଇଜ ଡ୍ୟୁଟି ପ୍ରତ୍ୟାହାର କଲା କେନ୍ଦ୍ର

ନୂଆଦିଲ୍ଲୀ: କେନ୍ଦ୍ର ସରକାର ୨୨%ରୁ ୩୦% ଇଥାନଲ ମିଶ୍ରିତ ପେଟ୍ରୋଲ (୨୨, ୨୫, ୨୭ ଏବଂ ୩୦)କୁ କେନ୍ଦ୍ରୀୟ ଏକ୍ସାଇଜ ଡ୍ୟୁଟିରୁ ଛାଡ଼ କରିବାକୁ ନି

ମେ ମାସ ଯାଇ ଜୁନ୍ ହେଲା, ମିଳୁନି ଭତ୍ତା

ବ୍ୟାଙ୍କ ଓ ବ୍ଲକକୁ ଧାଇଁ ଭତ୍ତାହିତାଧାରୀ ନିରାଶ

ଔଷଧ ବିସ୍କୁଟ ଟିକେ କିଣିବାକୁ ପାଖରେ ପଇସାଟିଏ ନାହିଁ

ଓଡ଼ଗାଁ ୧୧/୦୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଭତ୍ତା ପାଉଥିବା ହିତାଧିକାରୀମାନେ ୩ ମାସ ଧରି ଭତ୍ତା ନପାଇ ହିନସ୍ତା ହେଉଥିବା ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ଜମା ଖାତାକୁ ଭତ୍ତା ଟଙ୍କା ଆସିଲାଣିକି ନାହିଁ,ଜାଣିବା ପାଇଁ ଭତ୍ତାଧାରୀ କିମ୍ବା ତାଙ୍କ ସମ୍ପର୍କୀୟ ମାନେ ବ୍ୟାଙ୍କ ଏବଂ ବ୍ଲକକୁ ଧାଇଁ ଧାଇଁ ନିରାଶ ହୋଇ ଫେରୁଛନ୍ତି। ଆଜିର ଦିନରେ ମାସିକ ୫୦ ହଜାର ଟଙ୍କା ବେତନ ପାଉଥିବା ସରକାରୀ କର୍ମଚାରୀ ମାସ ଶେଷ ବେଳକୁ ଦରମା ପାଇଁ ଅପେକ୍ଷା କରିଥାଏ।ଦରମା ପାଇବାରେ ଦିନେ କିମ୍ବା ୨ ଦିନ ବିଳମ୍ବ ହେଲେ ସେମାନେ ବ୍ୟସ୍ତ ହୋଇପଡ଼ନ୍ତି।ମାସରେ ହଜାରେ ଟଙ୍କା ଭତ୍ତା ପାଉଥିବା ବୃଦ୍ଧ, ବୃଦ୍ଧା,ବିଧବା, ସ୍ୱାମୀ ପରିତ୍ୟକ୍ତା କିମ୍ବା ଭିନ୍ନକ୍ଷମ ହିତାଧିକାରୀମାନେ ୩ ମାସ ଧରି ଭତ୍ତା ନପାଇ କିପରି ହିନସ୍ତା ହେଉଥିବେ ଏହା ସହଜରେ ଅନୁମେୟ କରାଯାଇପାରେ।କାରଣ ନିଜ ଶରୀର ପାଇଁ ଔଷଧ,ପେଟ ପାଇଁ ଖାଦ୍ୟ ନିମନ୍ତେ ପରିବା ଟିକେ କିଣିବା ଅସମ୍ଭବ ହୋଇପଡିଛି। ଏପରିକି ଆହାର କେନ୍ଦ୍ରରେ ୫ ଟଙ୍କା ଦେଇ ଭାତ ଡାଲମା ଖାଇବାକୁ ପଇସା ନଥିବାରୁ କେତେକଙ୍କୁ ଭିଖ ମାଗିବାକୁ ପଡ଼ୁଛି। ତେଣୁ ଖୁବ୍ ଶୀଘ୍ର ସରକାର ଏଥିପ୍ରତି ସହାନୁଭୂତିଶୀଳ ହୋଇ ସମସ୍ୟାର ସମାଧାନ କଲେ ଭତ୍ତା ହିତାଧିକାରୀମାନେ ଉପକୃତ ହେବେ।

କେନ୍ଦ୍ରାପଡ଼ାର ୬ ହଜାରରୁ ଊର୍ଦ୍ଧ୍ୱ କ୍ଷେତ୍ର କର୍ମଚାରୀଙ୍କୁ ଅମ୍ଫାନ କାର୍ଯ୍ୟକ୍ରମ ଉପରେ ତାଲିମ

କେନ୍ଦ୍ରାପଡ଼ା, ୧୧।୬ (ଆନିସ): ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟରଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡ଼ାର ମିଳିତ ଆନୁକୂଲ୍ୟରେ ଅମ୍ଫାନ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ବୃହତ୍ ଭର୍ଚୁଆଲ୍ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାର ୧୫୩୬ ଜଣ ଆଶା କର୍ମୀ, ୨୧୪୭ ଜଣ ଅଙ୍ଗନବାଡ଼ି କର୍ମୀ, ସମସ୍ତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ- ୨୬୯ ଜଣ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ -୧୮୦ ଓ ଜିଲ୍ଲାର ଉପସ୍ଥିତ ମୋଟ ଶିକ୍ଷକ ଶିକ୍ଷୟତ୍ରୀ ୨୦୦୦ ସମେତ ୬୧୩୨ ରୁ ଅଧିକ କ୍ଷେତ୍ର କର୍ମଚାରୀ ଏହି ତାଲିମରେ ଅଂଶଗ୍ରହଣ କରିଥିଲେ।

ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏହାପରେ କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟରତ ପୂର୍ବତନ ସି ଡି ଏମ୍ ଓ ତଥା ଅବସର ପ୍ରାପ୍ତ ନିର୍ଦ୍ଦେଶକ (ସ୍ୱେସିଆଲ ସେକ୍ରେଟାରୀ- ଟେକ୍ନିକାଲ) ଡାକ୍ତର ମନୋରଞ୍ଜନ ରାଉତ ତାଙ୍କର ଜିଲ୍ଲା ପାଇଁ ଖୁବ୍ ଦାୟୀତ୍ୱ ଥିବାରୁ ଜିଲ୍ଲାପାଳଙ୍କ ସୂଚନା ପାଇ ଡାକ୍ତର ରାଉତ ମାତୃ ମୃତ୍ୟୁ, ଶିଶୁ ମୃତ୍ୟୁ, ମମତା ଦିବସ , ଟିକାକରଣ ଦିବସ ର ଗୁରୁତ୍ୱ ଓ ଅମ୍ଫାନ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହିତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମକର୍ତ୍ତା ଙ୍କୁ ପ୍ରଶଂସା କରିଥିଲେ ଏହାପରେ ସିଧାସଳଖ ଭର୍ଚୁଆଲ ମାଧ୍ୟମରେ ଅମ୍ଫାନ କାର୍ଯ୍ୟକ୍ରମର ଉପରେ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସ୍ମୃତିଜିତ୍ ପଟ୍ଟନାୟକ ଓ କନ୍ସଲ୍ଟାଣ୍ଟ ସନ୍ଧ୍ୟାରାଣୀ ରାଉତ ବିଶେଷଭାବେ ଆଲୋଚନା କରିଥିଲେ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୬ରୁ ୫୯ ମାସ ଶିଶୁ, ୫ରୁ ୯ ବର୍ଷ ଓ ୧୦ ରୁ ୧୯ ବର୍ଷ ସ୍କୁଲ ଯାଉଥିବା ପିଲା, ଗର୍ଭବତୀ, ପ୍ରସୂତୀ, ବିଦ୍ୟାଳୟକୁ ଯାଉନଥିବା କିଶୋରୀ ବାଳିକା ଏବଂ ୨୦ ରୁ ୨୪ ବର୍ଷ ବୟସ ମଧ୍ୟରେ ଗର୍ଭବତୀ ହୋଇନଥିବା ଓ ପ୍ରସୂତୀ ହୋଇନଥିବା ମହିଳା ମାନଙ୍କର ରକ୍ତହୀନତା ଓ ପୁଷ୍ଟିହୀନତା ଦୂରୀକରଣ କରି ପାରିଲେ ଜିଲ୍ଲା ତଥା ରାଜ୍ୟର ସ୍ୱାସ୍ଥ୍ୟ ବୃଦ୍ଧି ହୋଇପାରିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିଭାଗ, ଶିକ୍ଷା ବିଭାଗ ଓ ସରକାରଙ୍କର ଏସି . ଏସ. ଟି ବିଭାଗର କର୍ମକର୍ତ୍ତା ଜିଲ୍ଲା, ବ୍ଲକ୍ ଓ ସେକ୍ଟର ସ୍ତରରେ ଦାୟିତ୍ୱ ନେଲେ ଅମ୍ଫାନ କାର୍ଯ୍ୟକ୍ରମ ଠିକ୍ ଭାବେ ଚାଲିପାରିବ ବୋଲି କହିଥିଲେ ବିଦ୍ୟାଳୟ ସ୍ତରରେ ଶିକ୍ଷା ବିଭାଗର ଦାୟିତ୍ୱ ଓ ମମତା ଦିବସରେ ସ୍ୱାସ୍ଥ୍ୟ ଓ ମହିଳା ଓ ଶିଶୁ ବିକାଶ ବିଭାଗ ର ଦାୟୀତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଥିଲା

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଆୟର ଉପସ୍ଥିତ ରହି ସବୁ ସ୍ଥାନ ରେ ସଠିକ୍ ପରିମାଣ ର ଆଇରନ ବଟିକା ଓ ଆଇରନ ସିରପ୍ ରହିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ ଶିକ୍ଷା ବିଭାଗର ସ୍ମାର୍ଟ କ୍ଲାସ୍ ଭିତ୍ତିଭୂମିକୁ ବ୍ୟବହାର କରି ଏକାସାଙ୍ଗରେ ୬ ହଜାର ରୁ ଊର୍ଦ୍ଧ୍ୱ କ୍ଷେତ୍ର କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିବା ଜିଲ୍ଲାପାଳଙ୍କ ଏକ ସ୍ୱତନ୍ତ୍ର ଅଭିନବ ପଦକ୍ଷେପ ବୋଲି ରାଜ୍ୟର ସମସ୍ତ ଅଧିକାରୀ ବୃନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ

କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ ଓ ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା ପରିଚାଳନା କରିଥିଲେ ଆଜି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶ୍ୟାମ ସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଫାନ୍ସିଆଲ ଅଧିକାରୀ ଆଶୁତୋଷ ତ୍ରିପାଠୀ ଙ୍କ ସମେତ ସମସ୍ତ ଡି ପି ଏମ୍ ୟୁ ର କର୍ମକର୍ତ୍ତା ସହିତ ବ୍ଲକ୍ ସ୍ତରରୁ ମେଡିକାଲ ଅଫିସର ଇନ୍ ଚାର୍ଜ ଙ୍କ ସମେତ ବି ପି ଏମ୍ ୟୁ ର କର୍ମକର୍ତ୍ତା ଏହି ତାଲିମ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ

ଡେପୁଟି ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡ.ସୁକାନ୍ତ କୁମାର ପ୍ରଧାନ ତାଲିମ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ୧୦୦ ରୁ ଊର୍ଦ୍ଧ୍ୱ ସ୍ମାର୍ଟ କ୍ଲାସରେ ତାଲିମ ପ୍ରଦାନ କରାଯାଇଥିଲା କାର୍ଯ୍ୟକ୍ରମରେ

ସି ଡି ପି ଓ ଙ୍କ ସମେତ ମହିଳା ସୁପରଭାଇଜର, ବ୍ଲକ୍ ଶିକ୍ଷା ଅଧିକାରୀ, ସହ ଶିକ୍ଷା ଅଧିକାରୀ ଏବଂ ବି ଆର୍ ସି ସି ଓ ସି ଆର ସି ସି ଏବଂ ନୋଡାଲ ହାଇ ସ୍କୁଲ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ ଶେଷରେ ଡି ପି ଏମ୍ ଡ.ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ

ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ୮୫ତମ ଜନ୍ମ ଜୟନ୍ତୀ ପାଳିତ

ପଟ୍ଟାମୁଣ୍ଡାଇ, ୧୧।୬ (ଆନିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ବରିଷ୍ଠ ନାଗରିକ ମଞ୍ଚ ଏବଂ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ୮୫ତମ ଜନ୍ମ ଜୟନ୍ତୀ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହ ପରିସରରେ ପାଳିତ ହୋଇଯାଇଅଛି। ପ୍ରଫେସର ରାଉଳଙ୍କୁ ଭଲ ପାଉଥିବା ଅଗଣିତ ବରିଷ୍ଠ ନାଗରିକ ଓ ତାଙ୍କର ପ୍ରାକ୍ତନ ଛାତ୍ରଛାତ୍ରୀ ଜନ୍ମଦିନ ପାଳନ ପାଇଁ ଏକତ୍ରୀତ ହୋଇଥିଲେ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି କଣ୍ଟୁରି ଚରଣ ସ୍ୱାଇଁ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. କେଳୁଚରଣ ସ୍ୱାଇଁ, ସମ୍ମାନିତ ଅତିଥି ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, କୋଷାଧକ୍ଷ ଚର୍ତୁଭୂଜ ରାଉଳ, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ ଯୋଗଦାନ କରିଥିବା ବେଳେ ଉକ୍ତ ସଭାକୁ ସାଂସ୍କୃତିକ ସମ୍ପାଦକ କଥାକାର ପ୍ରଦୀପ କୁମାର ନାୟକ ସଯୋଜନା କରିଥିଲେ। ସର୍ବପ୍ରଥମେ ବରିଷ୍ଠ ନାଗରିକ ମଞ୍ଚର ବରିଷ୍ଠ ସଭ୍ୟ ପ୍ରାକ୍ତନ ପ୍ରଧାନଶିକ୍ଷକ ଶଚିନନ୍ଦନ ଦାସ ଓ ବିଜୟ କୁମାର ସାହୁଙ୍କର ସ୍ୱାସ୍ଥ୍ୟବସ୍ଥାର ଆଶୁ ଆରୋଗ୍ୟ କାମନାକରି ସଭ୍ୟମାନେ ଜଗତରନାଥ ଜଗନ୍ନାଥଙ୍କୁ ଧୂପ ଦୀପ ପ୍ରଦାନ କରି ପ୍ରାର୍ଥନା କରିଥିଲେ। ତତ୍ ପରେ ପରେ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଭ୍ୟ ମାନେ ଅଭିନନ୍ଦନ ଜଣାଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫେସର ରମେଶ ଚନ୍ଦ୍ର ଜେନା, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର ,ପ୍ରଫେସର ପରୀକ୍ଷିତ ପାତ୍ର, ପ୍ରଫେସର ରବିନ୍ଦ୍ର କୁମାର ବରାଳ, ନାଟ୍ୟକାର ପ୍ରଫେସର ଗୋଲକ ଚନ୍ଦ୍ର ମହାରଣା, ପ୍ରଫେସର ନରହରି ଲେଙ୍କା, ଇ ତ୍ରିଲୋଚନ ସୁତାର, ଇ ତପନ କୁମାର ପାତ୍ର , ଇ ଗୁଣଧର ସାମଲ, ପ୍ରାକ୍ତନ ବି ଇ ଓ ବିଜୟ କୁମାର ରାଉତ,ପାବନୀ କୁମାର ରାଉତ, ପ୍ରଦୀପ୍ତ କୁମାର ରଥ, ପଣ୍ଡିତ ତ୍ରିଲୋକ୍ୟ ପ୍ରସାଦ ମିଶ୍ର, ପ୍ରମୋଦ କୁମାର ନାୟକ, ପ୍ରଫୁଲ୍ଲ କୁମାର ପ୍ରଧାନ, ବଶିଧର ନାୟକ, ସମାଜସେବୀ ବ୍ରଜବନ୍ଧୁ ଦାଶ, ରାଜେନ୍ଦ୍ର ପ୍ରସାଦ ସି, ସନାତନ ତରାଇ, ଅଭିମନ୍ୟୁ ସାହୁ, ଗୋପାଳକୃଷ୍ଣ ଖଣ୍ଡାଇ, ଖଗେଶ୍ୱର ଖଣ୍ଡାଇ , ସଞ୍ଜୟ କୁମାର ବର୍ମା, ଜଗନ୍ନାଥ ନାୟକ ଓ ରାଜକିଶୋର ଦାସ ପ୍ରମୁଖ ବକ୍ତାମାନେ ପ୍ରଫେସର ରାଉଳଙ୍କ ଜନ୍ମସ୍ଥାନ ସହିରା ଠାରୁ ବାସସ୍ଥାନ ବେଲତଳ ପର୍ଯ୍ୟନ୍ତ ଜୀବନଯାତ୍ରା ,ତାଙ୍କର ବୃତିଗତ ଜୀବନ, ପଟାମୁଣ୍ଡାଇ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ନେଇଥିବା ପଦକ୍ଷେପ,ଜଣେ ଦକ୍ଷ ଅଧ୍ୟାପକ ଭାବରେ ଉନ୍ନତମାନର ଶିକ୍ଷାଦାନ , ସଭାପତି ଭାବରେ ମନ୍ଥନ।ଥ ଉଚ୍ଚ ବିଦ୍ୟାଳୟ ପଟାମୁଣ୍ଡାଇ ପୁରାତନ ଛାତ୍ର ସଂସଦ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ପଟ୍ଟାମୁଣ୍ଡାଇ, ବରିଷ୍ଠ ନାଗରିକ ମଞ୍ଚ ପଟାମୁଣ୍ଡାଇ ର ଉନ୍ନତି ପାଇଁ ନେଇଥିବା ପଦକ୍ଷେପ ଓ ସାଙ୍ଗଠନିକ କାର୍ଯ୍ୟଶୈଳୀ ଉପରେ ବକ୍ତାମାନେ ଆଲୋକପାତ କରିବା ସହିତ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଫେଜ ତେୟାବଙ୍କୁ ଏନଟିପିସି ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ପଦୋନ୍ନତି

ସୁନ୍ଦରଗଡ଼, ୧୧।୬ (ଆନିସ): ଏନଟିପିସି ଦର୍ଲପାଲିର ପ୍ରକଳ୍ପ ମୁଖ୍ୟ ଫେଜ ତେୟାବଙ୍କୁ ଏନଟିପିସି ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ଦିଆଯାଇଛି। ସେ ଜୁନ ୮ ତାରିଖ ୨୦୨୬ରେ ଆନୁଷ୍ଠାନିକ ଭାବରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଶ୍ରୀଯୁକ୍ତ ତେୟାବ ୧୯୯୦ ମସିହାରେ ଏନଟିପିସି ସହିତ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ ଏବଂ ସେବେଠାରୁ ବିଦ୍ୟୁତ୍ ଉତ୍ପାଦନ ଏବଂ ପ୍ରକଳ୍ପ ପରିଚାଳନା କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏକ ଚମତ୍କାର କ୍ୟାରିଅର ନିର୍ମାଣ କରିଛନ୍ତି। ତାଙ୍କର ପଦୋନ୍ନତି ତାଙ୍କର ବ୍ୟାପକ ଅଭିଜ୍ଞତା, ବୈଷୟିକ ବିଶେଷଜ୍ଞତା ଏବଂ ପ୍ରମାଣିତ ନେତୃତ୍ୱ କ୍ଷମତାର ସ୍ୱୀକୃତି, ଯାହା ସଂଗଠନର ଅଭିବୃଦ୍ଧି ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ବିହାରର ମୂଳ ନିବାସୀ, ଶ୍ରୀଯୁକ୍ତ ତେୟାବ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରୁ ମେକାନିକାଲ୍ ଇଞ୍ଜିନିୟରିଂରେ ବି. ଏସସି.(ଇଞ୍ଜିନିୟରିଂ) ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ବିଶିଷ୍ଟ କ୍ୟାରିଅର ସମୟରେ, ସେ ପ୍ଲାଣ୍ଟ ପରିଚାଳନା, କୋଇଲା ଖଣି, ଜମି ଅଧିଗ୍ରହଣ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଏବଂ ପ୍ରକଳ୍ପ ପରିଚାଳନା ସମେତ ପ୍ରମୁଖ କ୍ଷେତ୍ରରେ ସମୃଦ୍ଧ ଏବଂ ବିବିଧ ଅଭିଜ୍ଞତା ହାସଲ କରିଛନ୍ତି।ବର୍ଷ ବର୍ଷ ଧରି ସେ ଏନଟିପିସିର କାହାଲଗାଓଁ, ରାଞ୍ଚୁ, ପତ୍ରାତୁ, ବନହାରଡିହ କୋଇଲା ଖଣି, କେରନ୍ଦାରି, ପାକ୍ରି ବାରୱାଡିହ, ଲାରା ଏବଂ ଦର୍ଲପାଲି ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ କାର୍ଯ୍ୟ କରିଛନ୍ତି। ଏହି ଭୂମିକାରେ ତାଙ୍କର ଅବଦାନ ପରିଚାଳନାଗତ ଦକ୍ଷତା ବୃଦ୍ଧି ଏବଂ ରଣନୈତିକ ପ୍ରକଳ୍ପଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନକୁ ସମର୍ଥନ କରିବା ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ବିଧାୟକଙ୍କ ସୀମାନ୍ତ ମହାବିଦ୍ୟାଳୟରେ ଭୂମି ପୂଜନ

ମୋଦିଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ରଜଲୋକା ସ୍ଥିତ ଶ୍ରୀରାମ ମନ୍ଦିରରେ ୧୦୮ ଦ୍ୱିପ ପ୍ରଜ୍ୱଳନ

ବାରିପଦା,(୧୦/୦୬): ମୟୂରଭଞ୍ଜ ଜିଲ୍ଲାର ସାରସକଣା ନିର୍ବାଚନ ମଣ୍ଡଳୀର ବିଧାୟକ ଭାଦବ ହାଁସଦା ଙ୍କ କରକମଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅନ୍ତର୍ଗତ ସୀମାନ୍ତ ମହାବିଦ୍ୟାଳୟ ରେ ଅତିରିକ୍ତ ଶ୍ରେଣୀ ଗୃହ ,ସଭା ଗୃହ ଏବଂ ନୂତନ ଶୌଚାଳୟ ଗୃହ ନିର୍ମାଣର ଭିତ୍ତପ୍ରସ୍ତର ସ୍ଥାପନ କରିଥିବା ବେଳେ ଏହାର ଅଟକଳ ମୂଲ୍ୟ ଏକ କୋଟି ପଚାଶ ଲକ୍ଷ ଟଙ୍କା ରଖାଯାଇଛି । ଏତଦ୍ ବ୍ୟତୀତ ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱର ୧୨ ବର୍ଷ ପୂର୍ତ୍ତି ଅବସରରେ ବିଧାୟକ ଭାଦବ ହାଁସଦା ଙ୍କ ତତ୍ତ୍ୱାବଧାନରେ ବିଶୋଇ ଠାରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସରସକଣା ବ୍ଲକ ଅନ୍ତର୍ଗତ ରଜାଲୋକା ଶ୍ରୀ ରାମ ମନ୍ଦିରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁଭ କାମନା ଓ ଆଶୀର୍ବାଦ ଭିକ୍ଷା କରି ସନ୍ଧ୍ୟା ସମୟରେ ୧୦୮ ଦ୍ୱିପ ପ୍ରଜ୍ୱଳନ କରିଥିଲେ । ଉକ୍ତ ପ୍ରତ୍ୟେକ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟି ର ତୁଙ୍ଗ ନେତାମାନେ ଉପସ୍ଥିତ ଥିବା ବେଳେ ଅନେକ କର୍ମୀ ଉପସ୍ଥିତ ଥିବା ସହିତ ବହୁ ଶୁଭେଚ୍ଛୁ ଉପସ୍ଥିତ ଥିଲେ ।

ମ୍ୟାଲେରିଆ ମାସ ପାଳନ ନିମନ୍ତେ ସଚେତନା ବୈଠକ

ବାରିପଦା, ୧୧।୬ (ଆନିସ): ଜିଲ୍ଲା ସ୍ତରୀୟ ମ୍ୟାଲେରିଆ ମାସ ପାଳନ ନିମନ୍ତେ ସଚେତନତା ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସେ ମେଡିକାଲ ଅଫିସର ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀ ମାନଙ୍କୁ ଯଥାଶୀଘ୍ର ସମସ୍ତ ଜ୍ୱର ରୋଗୀଙ୍କୁ ମ୍ୟାଲେରିଆ ରକ୍ତ ପରୀକ୍ଷା କରିବା ସହ ସମ୍ପୂର୍ଣ୍ଣ ଚିକିତ୍ସା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶୋଇଲା ବେଳେ ମଶାରୀ ବ୍ୟବହାର କରିବା ଏବଂ ଘରକୁ ଘର ବୁଲି ଲୋକଙ୍କୁ ସଚେତନତା କରିବା ପାଇଁ କହିଥିଲେ ।ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଯ୍ୟୟ ମହାନ୍ତ ସରକାର ପ୍ରତ୍ୟେକ ପଞ୍ଚାୟତରେ ମ୍ୟାଲେରିଆ ରକ୍ତ ପରୀକ୍ଷା କରିବା, ଆୟୁସମାନ କାର୍ଡ ବଣ୍ଟନ, ରକ୍ତହୀନତା ପରୀକ୍ଷା ଓ ଅଣ ସଂକ୍ରମକ ରୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହା ସହିତ ସମସ୍ତ ମେଡିକାଲ ଅଫିସରମାନଙ୍କୁ ଆଦେଶ ଦେଇଥିଲେ ଯେ ,ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ଓ ଆଶାକର୍ମୀ ଅଙ୍ଗନବାଡ଼ି କର୍ମୀ ଘରକୁ ଘର ବୁଲି ପ୍ରତ୍ୟେକ ଦିନ ସନ୍ଧ୍ୟା ବେଳେ ମଶାରୀ ବ୍ୟବହାର ଉପରେ ଗୁରୁତ୍ୱର ସହିତ ବୁଝାଇବା ସହ ମଶାରୀ ବ୍ୟବହାର କରୁଛନ୍ତି କି ନାହିଁ ତଦାରଖ କରିବେ ଏବଂ ମୋବାଇଲ ହେଲଥ ଟିମ ମ୍ୟାଲେରିଆ ପ୍ରବଣ ଗାଁ ରେ ମ

ପୋଲସରାରେ ଉଲ୍ଲାସ ତାଲିମ କାର୍ଯ୍ୟକ୍ରମ

ପୋଲସରା,୧୧।୬ (ଆନିସ): ପୋଲସରା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଉଲ୍ଲାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପିଏମ୍? ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଠାରେ ଏହି ଏକ ଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ହର୍ଷବାବୁ ଖାଡ଼ଙ୍ଗ। ଯୋଗଦେଇ ପ୍ରଭୁଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ତାଲିମ ଶିବିରକୁ ଶୁଭ ଉଦ୍?ଘାଟନ କରିବା ସହିତ ସରକାରଙ୍କ ଏହି ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ଯୋଜନାର ରୁପରେଖ ଉପରେ ଆଲୋକପାତ କରି ବୁଝାଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥୀ ପାତ୍ର, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳରାମ ବେହେରା ଓ ଉକ୍ତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜେ. ମମତା ନିଜ ନିଜ ବକ୍ତବ୍ୟ ଜରିଆରେ ସରକାରଙ୍କ

ପକ୍ଷରୁ ଦେଶରେ କେହି ଜଣେ ହେଲେ ଯୁବକ,ଯୁବତୀ,ବ୍ୟକ୍ତିମାନେ ଅଶିକ୍ଷିତ ରହିବେ ନାହିଁ ଏବଂ କୌଣସି ପରିସ୍ଥିତି ବା କାରଣ ବଶତ ୧୫ ବର୍ଷରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକାମାନେ ଶିକ୍ଷା ଗ୍ରହଣ ମଝିରୁ ଛାଡ଼ି ଦେଉଛନ୍ତି ସେମାନଙ୍କୁ ପୁର୍ନବାର ଶିକ୍ଷା ପ୍ରତି ଆଗ୍ରହ କରାଇ ଏବଂ ୭୦ ବର୍ଷ ପର୍ଯ୍ୟନ୍ତ ଅଶିକ୍ଷିତ ଯୁବକ, ଯୁବତୀ, ମହିଳା ଓ ପୁରୁଷମାନଙ୍କୁ ବୁଝାଇ ସୁଝାଇ ଅତି କମରେ ସେମାନେ ଯେପରି ଗୋଟିଏ ଚିଠି ପଢ଼ିବା ସହିତ ଲେଖିପାରିବେ ସେଥିପ୍ରତି ଦୃଷ୍ଟି ଦେଇ ଶିକ୍ଷାଦାନ ଜରିଆରେ ଶିକ୍ଷିତ କରାଯିବ ତାହା ଉପରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ସୂଚନା ଯୋଗ୍ୟ ଯେ, ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରେ ପୋଲସରା ବ୍ଲକରେ ୧୩ ହଜାର ଅଶିକ୍ଷିତ ବ୍ୟକ୍ତିବିଶେଷଙ୍କୁ ଶିକ୍ଷିତ କରିବା ପାଇଁ ଲକ୍ଷ ରଖାଯାଇଛି ବୋଲି ବିଇଓ ଖାଡ଼ଙ୍ଗ। ମହୋଦୟଙ୍କ ଠାରୁ ଜଣାପଡ଼ିଛି।ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଏବଂ ୨୬ ଗୋଟି ପଞ୍ଚାୟତକୁ ମିଶାଇ ୧୧ ଗୋଟି କ୍ଲଷ୍ଟର ଗୁଡିକର ସିଆରସିସିଙ୍କ ସମେତ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ଶେଷରେ ଏହି ତାଲିମ ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଆଗକୁ ନିଷ୍ଠାର ସହିତ କାର୍ଯ୍ୟକରି ଏହି ଯୁଗାନ୍ତକାରି କାର୍ଯ୍ୟକୁ ସଫଳ କରିବାରେ ସହଯୋଗର ଆଶା ନେଇ ବିଇଓ ମହୋଦୟ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଛତ୍ରପୁର ପୌର ପରିଷଦର ଅଧକ୍ଷାଙ୍କ ଶେଷକୃତ୍ୟ ସଂପନ୍ନ

ଛତ୍ରପୁର,୧୧।୬ (ଆନିସ): ଛତ୍ରପୁର ପୌର ପରିଷଦର ଅଧକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଯାଇଛି । ଗୁରୁବାର ସକାଳେ ଛତ୍ରପୁର ଚର୍ଚ୍ଚ ରୋଡ ସ୍ଥିତ ତାଙ୍କ ବାସଭବନରୁ ସ୍ୱର୍ଗତ ଶର୍ମିଷ୍ଠା ପ୍ରଧାନଙ୍କ ସବ ଶୋଭାଯାତ୍ରା ବାହାରି ଛତ୍ରପୁର ସହର ପରିକ୍ରମା କରି ତିରୁପତି ରାଓ ପେଟା ସ୍ଥିତ ବିଜେପି ଦଳୀୟ କାର୍ଯ୍ୟାଳୟ , ଛତ୍ରପୁର ମ୍ୟୁନିସିପାଲଟି କାର୍ଯ୍ୟାଳୟ ଠାରେ ତାଙ୍କ ଶେଷ ଦର୍ଶନ ନିମନ୍ତେ ରଖାଯାଇ, ଶେଷରେ ପୁତି ଗୋପାଳପୁର ନିକଟ ବିଶେଶ୍ୱର ମନ୍ଦିର ପାଖ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।ପରିବାରର ସଦସ୍ୟ ମାନଙ୍କ ସହିତ ଛତ୍ରପୁର ବିଧାୟକ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ନାୟକ,ବ୍ରହ୍ମପୁର ବିଧାୟକ ଶ୍ରୀଯୁକ୍ତ କେ.ଅନିଲ କୁମାରଙ୍କ ସମେତ ଗଞ୍ଜାମ ବ୍ଲକ ଚେୟାରମେନ,ଗଞ୍ଜାମ ଏନଏସି ଚେୟାରମେନ,ରମ୍ଭା ଏନ ଏ ସି ଚେୟାରମେନ,ଛତ୍ରପୁର ପୌର ପରିଷଦର ଉପାଧକ୍ଷ ଓ ସମସ୍ତ କାଉନସିଲର ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ କର୍ମଚାରୀ, ବିଜେପି ଦଳୀୟ କାର୍ଯ୍ୟକର୍ତ୍ତା ତଥା ବିଜେପି ଜିଲ୍ଲା ସଭାପତି ସରୋଜ ସାବତ,ସମ୍ପାଦକ ବସନ୍ତ ବେହେରା,ସାଧାରଣ ସମ୍ପାଦକ ପଦ୍ମ ଚରଣ ସାହୁ,ଦୁର୍ଯ୍ୟଧନ ରେଢୀ,ପ୍ରଦୀପ ପାଢ଼ୀ,ବାନଜ ନାହାକ,ସନ୍ତୋଷ ସେଠି,କୀର୍ତ୍ତନ ଦାସ,ରଘୁନାଥ ରେଢୀ,ସୁରଥ ପାହାନ, ରୁଇନା ପଟ୍ଟନାୟକ,ଗୌରୀ ଶଙ୍କର ନାହାକ,ଜାତୀୟ କଂଗ୍ରେସ ନେତା ଭାଗିରଥି ବେହେରା,କମ୍ୟୁନିଷ୍ଟ ନେତା. ଏନ୍ ଗିରିଜା ପ୍ରସାଦ ରେଡ୍ଡୀ,ନୀଳକଣ୍ଠ ଦାସ ,ବିଜେଡି ନେତା ରାଜି ବାବୁ ପ୍ରମୁଖ ସର୍ବ ଦଳୀୟ ନେତା ଓ କର୍ମୀଙ୍କ ସମେତ ଛତ୍ରପୁର ବ୍ୟବସାୟୀ ସଂଘ,ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବହୁ ସ୍ଥାନୀୟ ଜନତା ଶବ ଶୋଭାଯାତ୍ରାରେ ଯୋଗଦେଇ ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।ମୃତ୍ୟୁ ବେଳକୁ ସ୍ୱର୍ଗତ ଶର୍ମିଷ୍ଠା ଙ୍କୁ ମାତ୍ର ୩୮ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ବୃହତ୍ ସୌର ପ୍ରକଳ୍ପର ଉଦ୍ଘାଟନ ,ରହିବନି ବିଜୁଳି ସମସ୍ୟା

ସୋରଡା,୧୧।୬ (ଆନିସ): ଗଞ୍ଜାମ ସୋରଡା ବ୍ଲକ ସୁରଖାଦେଇପୁର ଗ୍ରାମ ଛକରେ ଉଦ୍ଘାଟନ ହୋଇଯାଇଛି ଓଡ଼ିଶାର ପ୍ରଥମ ବୃହତ୍ ସୌର ପ୍ରକଳ୍ପ । ଶ୍ୟାମଳାଇ ସୋଲାର ପାର୍କ ର ପ୍ରତିଷ୍ଠାତା କିଷାନ୍ କୁମାର୍ ରଥଙ୍କ ପ୍ରଚେଷ୍ଟାରେ ଏହି ବୃହତ୍ ସୋଲାର ପ୍ରକଳ୍ପ ନିର୍ମାଣ ହୋଇପାରିଛି । ବୁଧବାର ପ୍ରକଳ୍ପର ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ଆର୍ ଡି ସି ବୀରସେନ ପ୍ରଧାନ ଯୋଗଦେଇଥିଲେ । ପ୍ରଧାନମନ୍ତ୍ରୀ କୁସୁମ ଯୋଜନା ମାଧ୍ୟମରେ ସାତ ଏକର ଜମିରେ ସୋଲାର ପେନାଲ ଖଞ୍ଜା ଯାଇ ସୌର ପ୍ରକଳ୍ପ ନିର୍ମାଣ ହୋଇଛି ।ଏହାରି ମାଧ୍ୟମରେ ପ୍ରତି ଘଣ୍ଟା ପିଛା ୨.୬ ମେଗାୱାଟ ବିଜୁଳି ଶକ୍ତି ଉତ୍ପାଦନ ହୋଇପାରିବ ।ଗୋଟିଏ ୟୁନିଟ୍ ପିଛା ଚାରି ଟଙ୍କା ପଚାଶ ପଇସା ଦେଇ ଗ୍ରୀଡକୋ କିଣିବାକୁ ଚୁକ୍ତିନାମା ହୋଇଛି ।ବଡ଼ଗଡ ଅଞ୍ଚଳରେ ଥିବା ଚାରଟି ବିଦ୍ୟୁତ୍ ସବ୍ ଷ୍ଟେସନ୍ କୁ ଏହି ପ୍ରକଳ୍ପ ମାଧ୍ୟମରେ ବିଜୁଳି ଯୋଗାଇ ଦିଆଯାଇ ପାରିବ ।ଅନେକ ସମୟରେ ବିଦ୍ୟୁତ୍ କାଟ ସମସ୍ୟା ଦୂର ହୋଇପାରିବ ।ଏଥିରେ ଯୁବ ଉଦ୍ୟୋଗୀ କିଷାନ୍ କୁମାର୍ ରଥ ଦିନକୁ ୫୦ ହଜାର ଟଙ୍କା ରୋଜଗାର କରିପାରିବେ ବୋଲି ଆଶା ରଖିଛନ୍ତି।କେନ୍ଦ୍ରୀୟ ଯୋଜନାରେ ଏହି ପ୍ରକଳ୍ପ ପ୍ରଥମ ଥର ପାଇଁ ଓଡ଼ିଶାରେ ପ୍ରତିଷ୍ଠା ହୋଇଥିବାରୁ ସମସ୍ତ ବିଭାଗର ଅଧିକାରୀ ମାନେ ସହଯୋଗ କରିଛନ୍ତି ।ଆଜିର ଉଦ୍ଘାଟନୀ ସମାରୋହରେ ଗ୍ରୀଡକୋ ଜେନେରାଲ ମ୍ୟାନେଜର ଶୋଭନ ରାୟ, ଏ ଜୀ ଏମ ଆର ଇ ସାସ୍ୱତୀ ମହାପାତ୍ର, ଭଞ୍ଜନଗର ବିଦ୍ୟୁତ୍ ବିଭାଗୀୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶ୍ୟାମାକାନ୍ତ ସାହୁ,କମଳାକାନ୍ତ ପଣ୍ଡା,ଆଦିତ୍ୟ ଦାସ,ସୋରଡା ଏସ ଡି ଓ ଦେବବ୍ରତ ସାହୁ ,ବଡ଼ଗଡ କନିଷ୍ଠଯନ୍ତ୍ରୀ ଅଶ୍ୱିନୀ ଦାସ,ଟି ପି ଏସ ଓ ଡି ଏଲ୍ ଅଧିକାରୀ ପ୍ରଦୀପ ଦାସ ଯୋଗ ଦେଇଥିଲେ । ବିଦ୍ୟୁତ୍ ଠିକାଦାର ଭାବରେ ସରସ୍ୱତୀ ଟେଲିସଲ୍ୟୁସନ୍ ମୁଖ୍ୟ ଧୀରେନ୍ଦ୍ର ପାତ୍ର ବିଦ୍ୟୁତ୍ ସଂଯୋଗୀ କରଣ କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ଦିର୍ଘାୟୁ କାମନା ପାଇଁ ମନ୍ତ୍ରୀଙ୍କ ପୂଜା ଓ ପ୍ରାର୍ଥନା

ବୁଗୁଡ଼ା,୧୧।୬ (ଆନିସ): ବୁଗୁଡ଼ା ନିକଟସ୍ଥ ବଳଦେବ ମନ୍ଦିର ପ୍ରାଙ୍ଗଣରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ସମର୍ପିତ ୧୨ ବର୍ଷ ପୂର୍ତ୍ତି ଅବସରରେ ବୁଗୁଡ଼ା ମଣ୍ଡଳ ପକ୍ଷରୁ ''ସଂକଳ୍ପରୁ ସିଦ୍ଧି'' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ, ସୁସ୍ଥ ଜୀବନ ଏବଂ ରାଷ୍ଟ୍ରସେବାରେ ଅବ୍ୟାହତ ସଫଳତା କାମନା ନିମନ୍ତେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଓ ଶତାଧିକ ନେତା ଓ କର୍ମୀ ଦୀପ ଲଗାଇ ପୂଜା ଓ ପ୍ରାର୍ଥନା କରିଥିଲେ ଦେଶର ସର୍ବାଧିକ ସମୟ ଧରି ଜନକଲ୍ୟାଣ ପାଇଁ ନିରନ୍ତର ଭାବେ ସମର୍ପିତ ପ୍ରଧାନମନ୍ତ୍ରୀ ଭାବରେ ଶ୍ରୀ ମୋଦୀ ଜୀଙ୍କ ୪,୩୯୯ ଦିନର ଐତିହାସିକ ଯାତ୍ରାକୁ ସ୍ମରଣ କରାଯିବା ସହ ତାଙ୍କର ଦୂରଦର୍ଶୀ ନେତୃତ୍ୱରେ ବିକଶିତ ଭାରତ ଗଠନର ସଂକଳ୍ପକୁ ଆହୁରି ସମର୍ଥନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେପି କର୍ମୀ ଯୋଗଦେଇଥିଲେ।

ବଡ଼ବନ୍ଧ ହୁଡ଼ାରେ ବୃକ୍ଷରୋପଣ

ବ୍ରହ୍ମପୁର,୧୧।୬ (ଆନିସ): ଆଜି ପବିତ୍ର ଏକାଦଶୀରେ ପୂର୍ବତନ ବିଡିଏ ଅଧକ୍ଷ ଶ୍ରୀ ସୁବାଷ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଆଙ୍କୁଲି ଶେଷ ଜଗନ୍ନାଥ ମନ୍ଦିର ନିକଟସ୍ଥ ବଡ଼ ବନ୍ଧ ହୁଡାରେ ୫୦ ଟି ବଟ ଗଛ ଓ ଅଶ୍ୱତ୍ଥ ଗଛ ରୋପଣ କରାଯବା ସହ ଗଛକୁ କିପରି ଯତ୍ନ ନେଇ ବଞ୍ଚାଇବା ସମସ୍ତଙ୍କୁ ଅବଗତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ମହିଳା ସଂଘର ମହିଳା ମାନେ ସହଯୋଗ କରିଥିଲେ । ପୂର୍ବତନ କର୍ପୋରେଟର ଶାନ୍ତି ଦାସ, କର୍ପୋରେଟର ଭାଗରଥି ମହାରଣା, ଉମା ନାୟକ, ରାଜ୍ୟ ସଂପାଦକ ମୁକୁନ୍ଦ ଗୌଡ, ବରିଷ୍ଠ ସାମ୍ବାଦିକ ଏଲ୍. ସୁଦାମ ଦାସ, ପୂର୍ବତନ କର୍ପୋରେଟର ଭିଷ୍ମାଚାର୍ଯ୍ୟ ଚୌଧୁରୀ, ପଙ୍କଜ ସାବତ, ମୁନା ସେଠି,ସ୍ୱାଧିନ ମହାରଣା, ଜିନୁ ମହାରଣା, ଜନାର୍ଦ୍ଦନ ପାତ୍ର, କୈଳାଶ ପଟ୍ଟନାୟକ, ଏନ୍ ରାମପ୍ରସାଦ ରାଓ, ନାଗେଶ୍ୱର ଦୋରା, ସଂଜୀବ ବାଦଲ, ଚୁଲୁ ମହାରଣା, ମହେଶ୍ୱର ଦାସ, କେ ଭେଙ୍କେଟି ରେଡି, ପ୍ରଭାକର ମହାନ୍ତି, ଏମ୍ ଭେଙ୍କଟ, ବଳରାମ ପାତ୍ର, ଅରୁଣ କୁମାର ମିଶ୍ର, ପିତବାସ ପ୍ରଧାନ, ବଣ୍ଟି ମହାରଣା, ରବିନ୍ଦ୍ର କୁମାର ମହାପାତ୍ର, ପ୍ରକାଶ ରଥ, ସୁବାଷ ନାୟକ, ଟୁମ୍ବେଶ୍ୱର ନାୟକ, କୁନା ଜେନା, ପ୍ରଦୀପ ନାୟକ, ବ୍ରଜମହୋନ ପ୍ରଧାନ, ଜିତେନ୍ଦ୍ର ନାଥ ପଟ୍ଟନାୟକ, ଏଲ୍ଏନ୍ ନାୟକ, ସୁବଦ ଚୌଧୁରୀ, ଭବାନୀ ଶଙ୍କର ସାହୁ, ଇନ୍ଦ୍ର ନାୟକ, ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇଥିଲେ ।

ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ଶିଖରରେ ଠାରେ ୯ ଦିନ ଧରି ଆୟୋଜିତ ମହେନ୍ଦ୍ରମେଳା ଉଦଯାପିତ

ପାରଳାଖେମୁଣ୍ଡି,୧୧।୬ (ଆନିସ): ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତ ଶିଖରରେ ଆୟୋଜିତ ମହେନ୍ଦ୍ର ମେଳା ଗତକାଲି ଉଦଯାପିତ ହୋଇଯାଇଛି। ଗତ ଜୁନ ୧ ତାରିଖ ଠାରୁ ଗତକାଲି ୯ ତାରିଖ ପର୍ଯ୍ୟନ୍ତ ନଅ ଦିନ ଧରି ଚାଲିଥିବା ଏହି ଆଧାତ୍ମିକ ମହୋତ୍ସବ ପୂଣ୍ଡାହୁତି ହୋଇଛି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମରେ ମହେନ୍ଦ୍ରମେଳା ମହାସମାରୋହରେ ଉଦଯାପିତ ହୋଇଯାଇଛି । ଆଞ୍ଚଳିକ ପର୍ଯ୍ୟଟନ ଓ ସଂସ୍କୃତିକୁ ଏକ ନୂଆ ପରିଚୟ ଦେଇଛି ଏହି ମେଳା। ମେଳାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ପାରମ୍ପରିକ ଷ୍ଟଲ୍? ଗୁଡ଼ିକ ଶ୍ରଦ୍ଧାଳୁଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ, ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ବିଶ୍ରାମ ଗୃହର ସୁବିଧା କରାଯାଇଥିଲା। ପରବର୍ତ୍ତୀ ତିଥି ନକ୍ଷତ୍ରରେ ଆୟୋଜିତ ହେବାକୁ ଥିବା ଏହି ମେଳା ଏକ ପରମ୍ପରା ସୃଷ୍ଟି କରିବା ସହ ମହେନ୍ଦ୍ରଗିରି ଠାରେ ଆହୁରି ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ମହେନ୍ଦ୍ର ମେଳା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ତତ୍ତ୍ୱାବଧାନରେ ହୋଇଥିବା ମହେନ୍ଦ୍ର ମେଳାର ଶେଷ ଦିନରେ ପରିବହନ କମିଶନର ଅମିତାର ଠାକୁର, ଗଞ୍ଜାମ ଜିଲ୍ଲାପାଳ କୀର୍ତି ଭାସନ, ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଗଜପତି ଏସପି, ପ୍ରହଲ୍ଲାଦ ସହାୟ ମିନା, ବିଶ୍ୱହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ସଂଗଠନ ମହାମନ୍ତ୍ରୀ ପଣ୍ଡିତ ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରିଚାଳନା କମିଟି ସଭାପତି ଛୁରିଆ ଜାନି, ସମ୍ପାଦକ ତଥା ଏଡିସି ଅଧ୍ୟକ୍ଷ କାମଦେବ ବଡ଼ନାୟକ, ମହେନ୍ଦ୍ର ଆଶ୍ରମର ମୁଖ୍ୟ ଭାସ୍କର ତୀର୍ଥ(ଲକ୍ଷ୍ମୀ ବାବା),ବରିଷ୍ଠ ସମାଜସେବୀ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଶବର ସମାଜ ସଭାପତି ଦଳପତି ମଣ୍ଡଳ, ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ ଓ ପ୍ରମୁଖ ସହଯୋଗୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ୯ ଦିନିଆ ମହେନ୍ଦ୍ରମେଳା ସମ୍ପୂର୍ଣ ସଫଳତା ହାସଲ କରିଛି.

ବୈପାରିଗୁଡା ବ୍ଲକ ପାଚିକା ସହାୟିକା ସଂଘ ସମ୍ମିଳନୀ

ଜୟପୁର,୧୧।୬ (ଆନିସ): କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକ ପାଚିକା ସହାୟିକା ସଂଘ ର ବ୍ଲକ ସମ୍ମିଳନୀ ହାଟପଦା ଠାରେ ଯମୁନା ଗୌଡ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ କାର୍ଯ୍ୟକାରି ସଭାପତି ଶ୍ରୀ ଉତ୍ତମ ମଲ୍ଲିକ ଯୋଗଦେଇ ଘୋଷଣା କରିଛନ୍ତି ଯେ ଆଗାମୀ ଦିନରେ ପାଚିକା ସହାୟିକା ମାନଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ କରି ମାସିକ ୨୬,୦୦୦/- ଟଙ୍କା ଦରମା ପ୍ରଦାନ କରିବା, ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ଭତ୍ତା ଯୋଗାଇ ଦେବା , ବର୍ଷ କୁ ବାର ମାସର ଦରମା ଦେବା , ମଧ୍ୟାହ୍ନ ଭୋଜନ ଯୋଜନା କୁ ଘରୋଇ ସଂସ୍ଥା କୁ ନଦେବା , ପିଏଫ୍? , ଇଏସ୍? ଆଇ ଭଳି ସାମାଜିକ ସୁରକ୍ଷା ଯୋଗାଇ ଦେବା , ସେମାନଙ୍କ ପିଲାମାନଙ୍କୁ ମାଗଣା ଉଚ୍ଚ ଶିକ୍ଷା ଓ ଘର ପଟ୍ଟା ସହ ଘର ତିଆରି ପାଇଁ ଋଣ ଦେବା ଆଦି ଦାବି ନେଇ ଆନ୍ଦୋଳନ ଜାରି ରହିବ । ଏଆଇଟିୟୁସି ଏକ ମାତ୍ର ବୃହତ ସଂଗଠନ ଯାହା ଲଗାଏତ ସଂଗ୍ରାମ କରି ପାଚିକା ସହାୟିକା ଙ୍କ ଦରମା କୁ ୨୦୦ ଟଙ୍କା ରୁ ୩୦୦୦/- ଟଙ୍କା ରେ ପହୁଞ୍ଚାଇ ପାରିଛି । ସମସ୍ତ ସଭ୍ୟ ମାନେ ମାସିକ ଦଶ ଟଙ୍କା ସଭ୍ୟ ଚାନ୍ଦା ଦେବାକୁ ସ୍ଥିର ହୋଇଛି,ଆଗାମୀ ବର୍ଷ ପାଇଁ ଯମୁନା ଗୌଡ ସଭାପତି,ଲକ୍ଷ୍ମୀ ହନ୍ତାଳ ସମ୍ପାଦିକା ଓ ମୈନା ପୂଜାରୀ କୋଷାଧକ୍ଷା ନିର୍ବାଚିତ ହେବା ସହ ୨୧ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏଆଇଟିୟୁସି ଜାତୀୟ ପରିଷଦର ସଭ୍ୟ ପ୍ରମୋଦ କୁମାର ମହାନ୍ତି ସମ୍ମିଳନୀ କୁ ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ ।

କୋଟିଆ ସ୍ଥିତିକୁ ନେଇ ଉତ୍କଳ ସମ୍ମିଳନୀର ସାମ୍ବାଦିକ ସମ୍ମିଳନୀ

ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ଦାବି

ଜୟପୁର,୧୧।୬ (ଆନିସ): ଆନ୍ଧ୍ରପ୍ରଦେଶର ପାର୍ବତୀପୁର ଠାରୁ ଓଡ଼ିଶା ପ୍ରଦେଶର ମେଣ୍ଡିଧାରୁଆ ଗ୍ରାମ ରାସ୍ତା ଯାହାକି କୋଟିଆ ମାମଲାର ବିଚାରାଧୀନ ଥିବା ସମୟରେ ନିର୍ମିତ ହୋଇଛି ତାହାର ଉଦ୍?ଘାଟନକୁ ନେଇ ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଜୟପୁର ଶାଖା ଗଭୀର ଉଦ୍?ବେଗ ପ୍ରକାଶ କରିଛି । ଆନ୍ଧ୍ରପ୍ରଦେଶର ଶିଶୁକଲ୍ୟାଣ ମନ୍ତ୍ରୀ ସନ୍ଧ୍ୟାରାଣୀଙ୍କ ଦ୍ୱାରା ମେଣ୍ଡିଧାରୁଆ ଠାରେ ଆୟୋଜିତ ଏକ ସାଧାରଣ ସଭାରେ କୋଟିଆ ଗ୍ରାମ ପଞ୍ଚାୟତର ଗଞ୍ଜେଇପଦର, ଫାଟୁସିନେରୀ, ଫଗୁଣସିନେରୀ ଓ ତଳଗଞ୍ଜେଇପଦର ଗ୍ରାମବାସୀ ଯୋଗ ଦେଇଥିଲେ। ମନ୍ତ୍ରୀ ଉଦ୍?ବୋଧନ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ବିଭିନ୍ନ ପ୍ରଲୋଭନ ମୂଳକ ପ୍ରତିଶ୍ରୁତି ଦେବା ସହ ଆନ୍ଧ୍ରରେ ମିସିବାକୁ କହିଥିଲେ।ଏହି ଆୟୋଜିତ କାର୍ଯ୍ୟକ୍ରମରେ ପାର୍ବତୀପୁରମର ପୋଲିସ ଅଫିସର, ଆ.ଡି.ଓ., ତହସିଲଦାର ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଆଶ୍ଚର୍ଯ୍ୟର କଥା ଯେ ଆନ୍ଧ୍ର ମନ୍ତ୍ରୀଙ୍କ ଏହି ବଡ଼ କାର୍ଯ୍ୟକ୍ରମ ସମ୍ପର୍କରେ ଓଡ଼ିଶା ପ୍ରଶାସନର ସ୍ଥାନୀୟ ପୋଲିସ ଅଧିକାରୀ ତହସିଲ କିମ୍ବା ବ୍ଲକ ପ୍ରଶାସନ ପାଖରେ କୌଣସି ଖବର ନଥିଲା। ଯଦି ଖବର ଥିଲା ତେବେ କୌଣସି ପଦକ୍ଷେପ କାହିଁକି ନିଆଗଲା ନାହିଁ ବୋଲି ସମ୍ମିଳନୀରେ ପ୍ରଶ୍ନ ହୋଇଛି। ବର୍ତ୍ତମାନ ଓଡ଼ିଶାର ଭୋଟର ତାଲିକା ଓ ଜନଗଣନା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଆନ୍ଧ୍

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

ସମସ୍ତେ ଶୋଇ ଗଲା ପରେ

ପକ୍ଷୀଙ୍କୁ ଭଲପାଇ ଫସି ଯାଇଛନ୍ତି ଯେମିତି ଅରୁ । ସମସ୍ତେ ଶୋଇଗଲା ପରେ ସେ କବିତା ଲେଖନ୍ତି । ଲେଖନ୍ତି ଜୀବନର କେତେ କଥା ଓ ଗାଥା ତଥା ସାମ୍ପ୍ରଦାୟିକତା ଉପରେ । ମନେପକାନ୍ତି ସେହି କାଳଜୟୀ ବିଶ୍ୱ କବି ମାନଙ୍କୁ । ତାଙ୍କ ଭିତରୁ ଶ୍ରୀ ଅରବିନ୍ଦ ଓ ରବୀନ୍ଦ୍ର ନାଥ ଠାକୁର ତାଙ୍କର ଭାରି ପ୍ରିୟ । ପୁଣି ଫକୀରମୋହନ ସେନାପତି କଥାକାର ହେଲେ ମଧ୍ୟ ପ୍ରଜାମେଳି ରୋକିବାକୁ ସେ ପାନ ଓ ଗୁଆ ଦୁଇ ଶବ୍ଦ ର ଯେମିତି ବ୍ୟବହାର କରିଥିଲେ ତାହା କୌଣସି କାବ୍ୟିକ ମନୋଭାବ ଠୁ କମ ନୁଁହଁ । ଅରୁ ଲେଖନ୍ତି ବିନା ଆଳଙ୍କାରିକ ଶବ୍ଦ ସମାହାରେ କିନ୍ତୁ ସମସ୍ତେ ଶୋଇ ପଡିଥିବାରୁ ନିଶବ୍ଦ ରାତିରେ ପେଚା ବୋବାଳି ଶୁଣି ଡର ମାଡ଼େ । ଲକ୍ଷ୍ମୀ ମାଆ ବାହାନ ପେଚା ବୋବାଳି ଖୁବ ଶୁଭଙ୍କର ମନେ କରି ଲେଖନୀ ବା ଆଜିକାର କଲମ ଚାଳନା କରୁ କରୁ କେବେ ମନେପଡ଼ନ୍ତି ଗୀତଗୋବିନ୍ଦ ର ରଚୟିତା ଜୟଦେବ ତ କେବେ ମନେପଡ଼ନ୍ତି ଭୀମଭୋଇ । ତାଙ୍କ ପରି କାଳଜୟୀ କବିତା ପଦେ ଉତୁରିଲାନି ତାଙ୍କ କଲମରୁ ଏଯାଏଁ ଭାବି ମନଦୁଃଖ କରନ୍ତି । ତଥାପି ପକ୍ଷୀ ଦେଖିବା ପରି କବିତା ଲେଖିବା ନିଶା ଆଜିକାଲି ପେଷା ରେ ପରିଣତ ହେଲାଣି ଅରୁଙ୍କର । ପ୍ରିୟାର ଆଖି ଚଢ଼େଇ ବସା ପରି ଲେଖି ମନକୁ ଦୋହଲେଇ ଦେଇଥିବା ସେ କବି ସବୁ ଆଉ ନାଁହାଁନ୍ତି । ତାଙ୍କୁ ସବୁ ମନେପକେଇବାକୁ ବିଶ୍ୱ କବିତା ଦିବସ ଆସୁଛି । କେତେ ଦହନ, ଜ୍ୱଳନ, କଳ୍ପନା ର ଶବ୍ଦସବୁ କୁ ସାଉଁଟି ପୁଣି ସେସବୁକୁ ପାଛୁଡ଼ି ଓ ବେଙ୍ଗଳା ପକେଇ ଯୋଉ କବିତାମନସ୍କ କବି ମାନେ କବିତା ସୌଧ ଗଢ଼ିଥିଲେ ତାହାକୁ ରକ୍ଷା କରିବାକୁ ଯାଇ ଏ ପାରାପିଢ଼ି ଓ ସେ ନିଜେ ଲେଖୁଛନ୍ତି କଣ । ସିଧା ସାଧା ଜୀବନର ଭାବ, ମୋହ, ମାୟା କୁ ଐଶ୍ୱର୍ଗିକ ଶକ୍ତି ଭିତରେ ବୁଡେଇ କିଛି ଶବ୍ଦ ଗୁଡେଇ ଟୁଡେଇ ଅରୁ କିଛି କବିତା ଲେଖୁଥିଲେ ଓ କିଛି କବିତା ଲେଖା କାଗଜ ଚିରି ଫିଙ୍ଗୁ ଫିଙ୍ଗୁ ରାତି ବଢୁଥିଲା । ସମସ୍ତେ ଶୋଇଯିବା ପରେ ସ୍ୱାମୀଙ୍କ ନିଦୁଆ ଆଖିକୁ ଦେଖି ଅରୁ କାଁହିରୁ କେତେ କଥା ଭାବୁଥିଲେ । ଏବେ ସ୍ୱାମୀଙ୍କ ଦୁଇ ଆଖି ତାଙ୍କୁ ଚଢ଼େଇ ବସା ପରି ଲାଗୁଥିଲା ପ୍ରକୃତରେ ହେଲେ ପେଚା ବୋବାଳି ଦରରେ ସେ ଶୋଇଯାଇଥିଲେ ନିଦରେ ।

ଅରୁଙ୍କ ଦୁଆର ଆଗରେ ଝଙ୍କାଳିଆ ବରଗଛ ଉପରେ କାହିଁ କୁଆଡୁ ଉଡିଆସି କେତେ ପକ୍ଷୀ ବସନ୍ତି । ଖରାଦିନେ ପାଣି ଟୋପେ ପିଇବାକୁ ତରଳ ବିକଳ ହେଉଥିବା ପକ୍ଷୀମାନଙ୍କ ପାଇଁ ଛାତ ଉପରେ ମାଟି ଘଡି ବା ଅଧା ମାଟି ଘଡ଼ା ସାତଟାରେ ପାଣି ଭରି ଠାଆ କୁ ଠାଆ ରଖିଦିଅନ୍ତି ଅରୁ । ପକ୍ଷୀଗୁଡିକ ଯେତେବେଳେ ଇଚ୍ଛା କରନ୍ତି ଉଡି ଆସି ପାଣି ପିଇ ପୁଣି ବରଗଛ ଡ଼ାଳକୁ ଉଡିଯାଆନ୍ତି । ସେଇ ଛାତରେ ତୁଳସୀ ଚଉରା ଅରୁଙ୍କର । ପ୍ରତିଦିନ ତୁଳସୀମୂଳେ ଜଳ ଦେବାକୁ ଓ ସୂର୍ଯ୍ୟଙ୍କୁ ଜଳଦାନ କରି ପୁଣ୍ୟ ପାଇବାକୁ ଅରୁ ଯେବେ ଛାତ ଉପରକୁ ଯାଆନ୍ତି ଭରି ଦିଅନ୍ତି ସେହି ଆଧାଅଧି ବା ପୁରା ଖାଲି ପଡ଼ିଥିବା ମାଟି ଘଡି ଗୁଡିକୁ ।ଦିନକୁ ଦୁଇଥର ଛାତ ଉପରକୁ ଯାଆନ୍ତି ଅରୁ । ସକାଳେ ଯେମିତି ସକାଳ ସୂର୍ଯ୍ୟ ପୂଜା କରି ଶାନ୍ତି ପାଆନ୍ତି ସେମିତି ଚାରିଟା ବେଳେ ବରଗଛ ଡ଼ାଳରେ ଜାତି ଜାତି ପକ୍ଷୀ ଦେଖି ତାଙ୍କ ସ୍ୱର ଠା କରି ତାଙ୍କ ଗତିବିଧି ଲକ୍ଷ କରି ତାଙ୍କୁ ଠା କରନ୍ତି ।ଅରୁଙ୍କୁ ଦେଖିଲେ ପାଣି ପିଇବାର ଶହେରୁ ଶହେ ଇଚ୍ଛାକୁ ଚାପି ଦେଇ ପକ୍ଷୀମାନଙ୍କ ନୀଡ଼ବାହୁଡା ବେଳେ ବସାକୁ ଫେରିପଡୁଥିବା ବଣି, କାଉ ସହ ସେଇ ବାର୍ଡଚଢେଇ ମଧ୍ୟ ଉଡିଯିବା ଦେଖି ମନ ଖରାପ ହୁଏ ଅରୁଙ୍କର ତ ହଲଚଲ ନହୋଇ ସ୍ଥାଣୁ ପାଲଟି ବସି ଯାଆନ୍ତି ଚୁପଚାପ ଅରୁ ।

ବାର୍ଡ ଚଢେଇର ଗୋଟେ ଇତିହାସ ଅଛି । ପୁଅ ଝିଅ ଦୁହେଁ ପାଟିକୁ ଖାଦ୍ୟ ନେଉନଥିବା ବେଳେ ଛାତ ଉପରେ ଏଇ ଚଢେଇ ଦେଖେଇ ବୁଲେଇ ବୁଲେଇ ଖୁଆଇଲା ବେଳେ ଅରୁ କହନ୍ତି ଦେଖ ଦେଖ ବାର୍ଡ ଆସିଲାଣି ଏବେ ସବୁ ଖାଇନେବ । ତୁ ଆଁ କରି ଖାଇଦେ ଧନ । ମୁଁ ଆଖି ମୁଜି ଥାଏକି ମୋ ଧନ /ଧାନୀ ଖାଇଥାଏକି କହୁ କହୁ ଖାଇଦିଅନ୍ତି ପିଲାବେଳେ ପୁଅ ଓ ତା ପରକୁ ଠିକ ସେହି ପ୍ରଣାଳୀରେ ଝିଅ ତ ଆଖି ଖୋଲି ଅରୁ କହନ୍ତି କିଏ ଖାଇଲା ? ପୁଅ ଓ ପରେ ପରେ ଝିଅ ଦେଖେଇ ଦିଅନ୍ତି ବାର୍ଡ ଚଢେଇକୁ ।ଯେଉଁ ଚଢେଇ,ଯାହାର ସଠିକ ନାମ ଏଯାଏଁ ନଜାଣି ସେହି ବାର୍ଡ ଚଢେଇ ହୋଇ ରହିଯାଇଛି ପକ୍ଷୀଟି । ଅନେକାଂଶରେ ହଳଦୀ ବସନ୍ତ ଓ ଶୁଆର ମିଶ୍ରଣର ସେହି ବାର୍ଡ ଚଢେଇ କିନ୍ତୁ ଡରେନା ଅରୁଙ୍କୁ ଦେଖି । କିଏ ଖାଇଲା କିଏ ଖାଇଲା କହିଲେ ପାଟିରେ ଖାଦ୍ୟ ନେଇ ଢ଼ୋକି ଦେଉଥିବା ପିଲା ଦୁହେଁ ଯିଏ ଯାହା ସଂସାରରେ ଦୂର ବିଦେଶରେ ଥିଲା ବେଳେ ପକ୍ଷୀ ମାନଙ୍କ ଭିତରେ ବାର୍ଡ ଚଢେଇ ଅରୁଙ୍କର ଖୁବ ପ୍ରିୟ ।ସେଦିନ ଆଳୁ ପରଠା କରି ଅନିରୁଦ୍ଧଙ୍କୁ ଖାଇବାକୁ ଦେଉ ଦେଉ ସନ୍ଧ୍ୟା ଆସିଯାଇଥିଲା । ଗୋଠବାହୁଡା ଦୃଶ୍ୟ ସହ ପକ୍ଷୀମାନଙ୍କର ନୀଡ଼ ଫେରନ୍ତା ଦୃଶ୍ୟ ଦେଖିବାକୁ ତରତର ହେଉଥିଲେ ଅରୁ ଛାତ ଉପରକୁ ଯିବାକୁ ତ ସ୍ୱାମୀ କହୁଥିଲେ କଣ ରାଣୀ ମାଆଙ୍କର ଏଇ ଆଳୁ ପରଠା ସାଙ୍ଗକୁ ଆଜି ଚଟଣୀ ଇତ୍ୟାଦିର କିଛି ଯୋଜନା ନାହିଁ ନା କଣ ? ଆଳୁ ପରଠା ଭିତରେ ତ ଚଟଣୀ ପୁଣି କଣ ଚଟଣୀ ଖୋଜୁଛ କହି ତରତରରେ ଯୋଗାଡି ରଖିଥିବା ଷ୍ଟିଲ ଢାଳ ସବୁ ନେଇ ଛାତ ଉପରକୁ ଉଠୁଥିଲେ ଅରୁ । କୋଉଠି ଥାଆନ୍ତି ଏ ମାଙ୍କଡ଼ସବୁ ମାଟି ଘଡି ଗୁଡ଼ିକରୁ ପାଣି ପିଇ କଚାଡି ଭାଙ୍ଗି ସାରିଛନ୍ତି । ତାଙ୍କ ପାଇଁ ତ ଆରପଟ ଛାତରେ ପାଣି ଥୁଆ ହୋଇଛି । ବିଚରା ପକ୍ଷୀଗୁଡିକଙ୍କର ଘଡି ଭାଙ୍ଗିଦେଲେ ସେମାନେ ଚଳେ ପାଣି କଳକୁ କେମିତି ନେବେ ଥଣ୍ଟରେ ? ସବୁ ଢାଳରେ ପାଣି ଭରି ଜଗି ରହିଲେ ଦୂରରେ ଅରୁ । ପାରାଟିଏ ଉଡିଆସିଲା । ପାଣି ଖୋଜି ଖୋଜି ବୋଧହୁଏ ହଂସା ଉଡିଯାଉଥିଲା ତାର । କଣ ଦେଖିପାରୁନି କି ଥଣ୍ଡା ଜଳ ପୂର୍ଣ୍ଣ ଷ୍ଟିଲ ଢାଳ ଗୁଡିକରେ ଥୁଆ ପାଣି ଢାଳସବୁକୁ ?ସ୍ଥାଣୁ ପାଲଟି ବସିଗଲେ ଅରୁ । ବୋଧହୁଏ ତାଙ୍କ ଉପସ୍ଥିତି ପାରାଟିକୁ ପାଣି ପିଇବାକୁ ଦେଉନି । ଶୋଷରେ ପାରାଟି ଉଡିଆସିଲା ଚଉରା ଉପରକୁ । ଦୁଇଦିନ ତଳେ ଅଦିନ ବର୍ଷାରେ ଝୁଣାଧୂପ ଦାନୀ, ରୁଖା, ଦୀପରେ ଲାଗିଥିବା ଟୋପେ ଟୋପେ ପାଣିକୁ ଥଣ୍ଟ ବୁଡେଇ ପିଇଲା ବେଳେ ମନେ ମନେ ଅରୁ କହୁଥାନ୍ତି ଆରେ ବୋକା ଷ୍ଟିଲ ଢାଲରେ ପରା ଭଲ ପାଣି । ଟିକେ ହଳଚଲ ହୋଇଗଲା ଅରୁଙ୍କ ଶରୀର ତ ଫଡ ଫଡ ଉଡ଼ିଗଲା ପାରାଟା । ବିରକ୍ତିରେ ଅରୁ କହୁଥିଲେ ଏ ପାରାଠୁ ବାର୍ଡ ଚଢେଇଟା ଢେର ଭଲ । ତଳୁ ସ୍ୱାମୀ ଡାକ ପକେଇଲେ ପୁଅର ଫୋନ ଆସୁଛି । ପୁଅ କହୁଥିଲା ମାଆ ତୁ ତ ଜାଣିଛୁ ଦିଲ୍ଲୀର ଏଇ ଭଡାଘର ବାଲାକୋନୀରେ ଥରକୁ ଥର ପାରା ଦୁଇଟି ଅଣ୍ଡା ଦେଇ ଛୁଆ କରନ୍ତି । ଏବେ ଟିକେ ବର୍ଷା ହୋଇଯାଇଛି ଏଠି ତ ଶୁଖିଲା ଅଖା ପାରି ଦେଇ ଚାଉଳ ଗିନା ଓ ପାଣିଗିନା ଥୋଇଛି ହେଲେ ମାଆପାରା ଗୋଟେ ଅଣ୍ଡାକୁ ଗଡେଇ ଗଡେଇ ପେଟତଳେ ଜାକି ଭୁଲିଯାଇଛି ଆଉ ଗୋଟିଏକୁ ନେଇନି ଏଯାଏଁ !କଣ କରିବି କହିଲୁ ? ପାରାର ଅନ୍ୟମନସ୍କତାର ସୁଯୋଗ ନେଇ ଆର ଅଣ୍ଡାଟିକୁ ତା ପେଟ ତଳେ ଥୋଇଦେ । ସେ ଯଦି ଖୁମ୍ପି ଦିଏ ବା ଉଡିଯାଏ ? ନା ମ ସେ କଣ ବାର୍ଡ ଚଢେଇ ପରି ହୋଇଛି ? ପୁଅ ହସୁଥିଲା କହୁଥିଲା ଓଃ ଆମ ପିଲାଦିନ ବାର୍ଡ ଚଢେଇ ? ଏ ପାରାଟା ଆଉ କଣ କି!ଠିକ ସେତିକି ବେଳକୁ ଝିଅ ଫୋନ କରି କହୁଥିଲା ମାଆ ତୋ ପକ୍ଷୀଘର ଗଳ୍ପଟି କଣ ଆମ ପିଲାଦିନର ବାର୍ଡ ଚଢେଇ ଉପରେ ଲେଖିଛୁ!ପଢିକି ମଜ୍ଜା ଆସିଗଲା । ହଉ ମୁଁ ଏବେ ପାରା ଉପରେ ଲେଖିବାକୁ ଯାଉଛି ବୋଲି କହୁଥିଲେ ଅରୁ । ଝିଅ ହସୁଥିଲା ଖିଲଖିଲ କହୁଥିଲା ଲେଖେ ଲେଖେ ତୋ ନାତି ନାତୁଣୀ ପଢିବେ ।ହଁ ଝିଅ ସମସ୍ତେ ଶୋଇଗଲା ପରେ ଲେଖିବି ରାତିରେ । ପିଲାମାନଙ୍କ ପିଲାଦିନର ବାର୍ଡ ଚଢ଼େଇ କଥା ମନେପକେଇ ହସି ଦେଲେ ଅରୁ ତ ସଞ୍ଜୁ ତାଙ୍କୁ ହଲେଇ ଦେଇ ପଚାରୁଥିଲା କଣ ହେଲା ମାଆ ? ନାହିଁ ନାହିଁ ସେ କିଛି ନୁହେଁ କହିଥିଲେ ଅରୁ । ତୁମେ କିନ୍ତୁ ଏଥର ଶୀତ ଦିନେ ମୋ ସହ ଚିଲିକା ଯିବାକୁ ମନା କରିବନି ସଞ୍ଜୁ । ପକ୍ଷୀ, ମଣିଷ ଓ ଚିଲିକା ପରସ୍ପର ପରସ୍ପରରକୁ କିପରି ଜାବୁଡି ଧରିଛନ୍ତି ମାଆ କାଳିଜାଇଙ୍କ କୃପା କରୁଣାରୁ ଦେଖିବା କଥା ।ହଁ ମାଆ ଯିବି ଯେ ଦୁଇଟି କଥା ତୁମେ ପୁଅ ଝିଅଙ୍କୁ ମନେପକେଇ ଆଉ କାନ୍ଦିବନି ।ଦ୍ୱିତୀୟ କଥା ମୋର ଗୋଟେ ଦିନ ଛୁଟି ମଞ୍ଜୁର କରିବ । ହସୁଥିଲେ ଅରୁ ଓ ସ୍ୱାମୀ ଅନିରୁଦ୍ଧ ।

ଓଃ ସ୍ୱର୍ଗଲୋକରେ ଏବେ କି ଭିଡ଼ ସତରେ । ସ୍ୱର୍ଗରେ ଏବେ ପଚାଶ କୋଟି ଲୋକଙ୍କ ଅସମ୍ଭାଳ ଭିଡ଼ ।ସମସ୍ତେ ମହାକୁମ୍ଭରେ ସ୍ନାନ କରି ସ୍ୱର୍ଗରେ ସ୍ଥାନ ସଂରକ୍ଷଣ ପାଇଁ ବିବେଚିତ ହୋଇଛନ୍ତି ।କାହାର ରୁମାଲ, କାହାର ଝୁଲା, କାହାର ଟୋପି ଇତ୍ୟାଦି ରେ ସବୁ ଜାଗା ଭର୍ତ୍ତି । ଆମର ତ ପୁରୁଣା ଅଭ୍ୟାସ ଜାଗା ଟିଏ ନିଜ ପାଇଁ ଯେମିତି ହେଲେ ବି ହାତେଇବା । ଚିତ୍ରଗୁପ୍ତଙ୍କ ଭାଳେଣି ପଡିଛି, କେମିତି ସମ୍ଭାଳିବେ ଏତେ ଧର୍ମାତ୍ମାଙ୍କୁ ।ଯେବେବି ଆସିବେ, ଜାଗା ରହିଥିବା ଅବଶ୍ୟ ଦରକାର । ନହେଲେ, ଆମ ଲୋକେ ତ ଆନ୍ଦୋଳନ ନିଶ୍ଚୟ କରି ବସିବେ ।ଭାଳେଣି ପଡିଛି ଏବେ ସ୍ୱର୍ଗ ଲୋକ ରେ । ସେମାନେ ଅଳ୍ପ ସଂଖ୍ୟକ ଦେବତା ମାନେ, ଅପ୍ସରା ମାନଙ୍କ ନାଚ ଗୀତ ଦେଖି ମନୋରଞ୍ଜନ କରୁଥିଲେ ।ତାଙ୍କର ଆଉ କିଛି ଲୋଡ଼ା ନ ଥିଲା । ହେଲେ, ଏମାନଙ୍କ ପାଇଁ ତ ସେତିକିରେ ଚଳିବନି । ପ୍ରଥମେ ଏମାନେ ଖୋଜିବେ, ମାୟାଜାଲ ( ) । ସେଇଟା ନ ହେଲେ ମର୍ତ୍ତ୍ୟର ସାଧୁ ସଜ୍ଜଙ୍କ ବି ନ ଚଳେ । କେମିତି ବନ୍ଦୋବସ୍ତ ହେବ, ଇନ୍ଦ୍ରଦେବଙ୍କୁ ଚିନ୍ତା ଘାରିଲାଣି । କାହାକୁ ନିଯୁକ୍ତ କରିବେ, ସେହି ଚିନ୍ତା ରେ ସୋମରସ ବି ଆଉ ସୁଆଦ ଲାଗୁନି । ହଁ, ତାପରେ ଏହି ସୋମରସ କଥା ।ଏତେ ଧର୍ମାତ୍ମଙ୍କୁ ସୋମରସ କେମିତି ଯୋଗାଇବେ, ସେ କଥା ଭାବି ଭାବି, ଅନିଦ୍ରା ରେ ରାତି କଟୁଛି । ଭଲା ମହାକୁମ୍ଭ ହେଲା ଯେ, ସମସ୍ତେ ଧୋଇ ଧାଇ କରି ସଫା ହୋଇଗଲେ ।ମାଆ ଗଙ୍ଗା ବି ତ୍ରାହି ତ୍ରାହି ଡାକିଲେଣି ।ଦୁଃଖ ରେ ବସି କହୁଛନ୍ତି, କେତେ ଆଉ ସଫା କରିବି ।ହେଲେ ଲୋକେ କେଉଁ ମାନୁଛନ୍ତି, ସମସ୍ତଙ୍କର ସ୍ୱର୍ଗରେ ସଂରକ୍ଷଣ ଦରକାର । ବାପରେ, କି ଭିଡ଼ ! ମହାକୁମ୍ଭ ଯେପରି ଆରପାରି ଦୁନିଆଁକୁ ରାସ୍ତା ସୃଷ୍ଟି କରିଥିଲା ।

ଇନ୍ଦ୍ରଙ୍କ ସହ ସମସ୍ତେ ବିଚଳିତ ହୋଇପଡୁଥିଲା ବେଳେ ନାରାଦ ମୁନି ପ୍ରଥମେ ଶିବଶଙ୍କରଙ୍କୁ ମନେ ପକେଇଦେଲେ ପ୍ରଭୁ ପୃଥିବୀରେ ଠାକୁ ଠା ଶିବମନ୍ଦିର ଗୁଡିକ ସାଜସଜ୍ଜାରେ ପରିପୂର୍ଣ୍ଣ ହୋଇ, ଦେବାଳୟ ନିକଟ ପୋଖରୀମାନଙ୍କରୁ ପଙ୍କଉଝଳା ସରିଲାଣି ।ଆଉ ଗୋଟିଏ ଦିନ ପରେ ମହାଶିବରାତ୍ରୀ ।ଆପଣ ଚଞ୍ଚଳ ଚାଲନ୍ତୁ ।ବାଟରେ ଶିବ ଶଙ୍କର ନିଜେ ଓଲେ୍ଲଇ ପଡିଲେ ମହାକୁମ୍ଭ ମେଳା ପ୍ରୟାଗରାଜରେ ।ସେଠି ସାଧୁ ସଜ୍ଜ ସନ୍ୟାସୀମାନଙ୍କର ଆଚରଣ ଓ ଉଚ୍ଚାରଣ ଦେଖି ବ୍ୟସ୍ତ ହୋଇପଡିଲେ ।କନ୍ୟାମାନଙ୍କର ବିଶୃଙ୍ଖଳିତ ଆଚରଣ ଓ ଯୁବପିଢ଼ିଙ୍କର ଉସଙ୍ଖଳତା ତଥା ବୃଦ୍ଧ ବୃଦ୍ଧାମାନଙ୍କର ଭକ୍ତି ବ୍ୟତିରେକେ ଆନନ୍ଦ ମନେଇବା ଭଳି କାର୍ଯ୍ୟକ୍ରମ ଦେଖି ଶିବ ସ୍ତମ୍ଭିଭୂତ ହେବା ସହ ଜାଣିପାରିଲେ ଯେ ଏମାନଙ୍କ ଏପରି କାର୍ଯ୍ୟାବଳୀ ଯୋଗୁଁ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଓ ବ୍ୟୁତପାତ ଜନିତ ମୃତ୍ୟୁ ଘଟି ସ୍ୱର୍ଗରେ ଭିଡ଼ ।ତେଣୁ ଜାଗର ହିଁ ଏକ ପ୍ରକୃଷ୍ଟ ଦିନ ଏମାନଙ୍କୁ ଭକ୍ତି ଦ୍ୱାରା କବଳିତ କରି ଆଉ କିଛି ଦିନ ପୃଥିବୀ ପୃଷ୍ଠରେ ବଂଚେଇବାକୁ ପଡିବ । ତେବେ ସ୍ୱର୍ଗରେ ଭିଡ଼ ପରିବର୍ତ୍ତେ ଯିଏ ଯେତେବେଳେ ଯିବା କଥା ତାଙ୍କୁ ଚିତ୍ରଗୁପ୍ତଙ୍କ ପାଞ୍ଜି ଗଣନା ଅନୁଯାୟୀ ଯିବାକୁ ପଡିବ ଫଳରେ ଭିଡ଼ କମିଯିବ ସ୍ୱର୍ଗରେ ।ଆଉ ଯିଏ ପ୍ରକୃତ ଭକ୍ତି ରଖି କୁମ୍ଭମେଳାକୁ ଯାଇଥିବ ତାର ଆୟୁଷ ଆଶିଷ ବଢ଼ି ଓ ନିରୋଗ ରହି ଆଉ କିଛି ଦିନ ପୃଥିବୀ ପୃଷ୍ଠରେ ତିଷ୍ଠି ରହିଲେ ସ୍ୱର୍ଗରେ ଭିଡ଼ ହେବନାହିଁ ।ଶିବ ଏତେସବୁ ବୁଝି ମର୍ତ୍ତ୍ୟର ଶିବାଳୟ ମାନଙ୍କରେ ନିଜକୁ କୋଉଠି ଆଶୁତୋଷ, ମହାଦେବ, ଶିବ, ଶଙ୍କର, ଭୋଳାନାଥ ଇତ୍ୟାଦି ବିଭିନ୍ନ ନାମରେ ଉପସ୍ଥାପନ କରୁ କରୁ ନାରଦଙ୍କ ମନୋବାଞ୍ଛା ପୂର୍ଣ୍ଣ ହୋଇ ସେ କହୁଥିଲେ ନାରାୟଣ ନାରାୟଣ ।ଏତିକି ବେଳେ ମର୍ତ୍ତ୍ୟ ର ଦୁଇ ପ୍ରେମ ପକ୍ଷୀ ଅରୁ ଓ ଅନିରୁଦ୍ଧଙ୍କ ଉପରେ ନଜର ପଡିବାରୁ ନାରଦ ସେଦୁହିଁଙ୍କୁ ଆଶୀର୍ବାଦ ଦେବାକୁ ଯାଇ କହୁଥିଲେ ପକ୍ଷୀପ୍ରେମୀ ତଥା ଜୀବେ ଦୟା ଏହି ଦମ୍ଭଉଙ୍କୁ ଆୟୁଷ, ଆଶିଷ, ନିରୋଗ ରଖନ୍ତୁ ନାରାୟଣ । ଏ ଭିତରୁ ଦୂରେଇ ଥାଆନ୍ତୁ ଏ ଦୁହେଁ । ଅରୁଙ୍କ ନିଦ ଭାଙ୍ଗି ଯାଇଥିଲା ସେତେବେଳକୁ ତ ମନେପଡ଼ିଗଲା ଆଜି ଛାତ ଉପରେ ପକ୍ଷୀମାନଙ୍କ ପାଇଁ ଖୁଦ ଓ ପାଣି ରଖିବାକୁ ତାଙ୍କୁ ଏବେ ଛାତକୁ ଯିବାକୁ ପଡିବ ।ସ୍ୱାମୀ ଡାକଛାଡ଼ିଥିଲେ ଅରୁ ଦେଖ ଦେଖ ତୁମ କବିତା ନାରୀ ଆଜି ବିଶ୍ୱ କବିତା ଦିବସରେ ପ୍ରଥମ ପୁରସ୍କାର ପାଇଛି । ତୁମକୁ ଗୀତଗୋବିନ୍ଦ ସଦନ ଯିବାକୁ ହେବ । ଅରୁ ଭାବୁଥିଲେ ଏହା ଇଶ୍ୱରଙ୍କ କୃପା ନା ସମସ୍ତେ ଶୋଇଯିବା ପରେ ପେଚାର ବୋବାଳି ଭିତରେ ଲେଖିଥିବା କବିତାର ଭାଗ୍ୟ କେଜାଣି । ପକ୍ଷୀ ଦେଖୁ ଦେଖୁ ସ୍ଥାଣୁ ପାଲଟି ଗଲ ନା କଣ!ଶୀଘ୍ର ପ୍ରସ୍ତୁତ ହୁଅ ଯିବାକୁ ତ ଅରୁ ନାରଦ ମହାମୁନି ଙ୍କୁ ପ୍ରଣାମ କରୁଥିଲେ କାରଣ ଏହି ଏଡିଟର ବା ସମ୍ପାଦକ ତଥା ସାମ୍ବାଦିକ ଭାଇମାନେ ହିଁ ତ ଆଜିର ଚଳନ୍ତି ନାରଦ ମହାମୁନି ବୋଲି ତାଙ୍କୁ ପ୍ରତୀୟମାନ ହୁଏ । ତେଣେ ଅନିରୁଦ୍ଧ ଡାକ ଛାଡିଥିଲେ ।ସମ୍ବର୍ଦ୍ଧିତ ହୋଇ ଆସିଲା ପରେ ମଧ୍ୟ ଦିନରେ ପକ୍ଷୀ ପ୍ରେମ ଓ ରାତିରେ ସବୁ ଶୋଇଯିବା ପରେ ଅରୁ ଲେଖିଚାଲିଥିଲେ ପ୍ରେମ କବିତା ଭିତରେ କିଛି ସ୍ୱପ୍ନ କିଛି ସତ୍ୟକୁ ନେଇ ସାହିତ୍ୟ ସ୍ୱାମୀ ଅନିରୁଦ୍ଧ ଲାଇଟ ଲିଭାଇ ଶୋଇବାକୁ ଦିଅ ବୋଲି ନ କହିବା ଯାଏଁ ।

ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ

ଓଡ଼ିଆ ଭାଷାର ପ୍ରାଚୀନତା

ଓଡ଼ିଆ ଭାଷାକୁ ଭାରତର ସବୁଠାରୁ ପ୍ରାଚୀନ ଭାଷା ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହା କେବଳ ଓଡ଼ିଆ ଲୋକଙ୍କ ମାତୃଭାଷା ନୁହେଁ, ଏହାର ଏକ ସମୃଦ୍ଧ ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟ ମଧ୍ୟ ରହିଛି। ଅନେକ ଐତିହାସିକ ଏବଂ ଭାଷାବିତ୍ ଓଡ଼ିଆ ଭାଷାର ପ୍ରାଚୀନତା ବିଷୟରେ ସେମାନଙ୍କର ମତାମତ ଦେଇଛନ୍ତି। ଏହାର ମୂଳ ପୁରୁଣା ମାଗଧି ପ୍ରାକୃତ ଏବଂ ଏହାର ବିକୃତ ରୂପକୁ ଖୋଜି ପାଇପାରିବେ। ପ୍ରାଚୀନ କାଳରେ, ଭାରତର ଅନେକ ସ୍ଥାନରେ ପ୍ରାକୃତ ବ୍ୟବହୃତ ହେଉଥିଲା। ଏହି ପ୍ରାକୃତରୁ ସ୍ଥାନୀୟ ଭାଷା ବିକଶିତ ହୋଇଥିଲା। କୁହାଯାଏ ଯେ ମାଗଧି ପ୍ରାକୃତରୁ ଓଡ଼ିଆ ଭାଷାର ଉତ୍ପତ୍ତି ହୋଇଥିଲା। ଏହା ଗୁପ୍ତ ଯୁଗରେ ଅବନତି ଏବଂ ବିକଶିତ ହୋଇଥିଲା ଏବଂ ଧୀରେ ଧୀରେ ଏକ ସ୍ୱତନ୍ତ୍ର ଭାଷା ହୋଇଗଲା। ଓଡ଼ିଆ ଭାଷାର ପ୍ରାଚୀନତାର ପ୍ରମାଣ ଅନେକ ପଥର ଶିଳାଲେଖ ଏବଂ ତାମ୍ରଫଳକ ଶିଳାଲେଖରେ ମିଳିଥାଏ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ପ୍ରସ୍ତର ନିର୍ଦ୍ଦେଶ ଧୌଲି ଏବଂ ଜୌଗଡ଼ରେ ଓଡ଼ିଆରେ ମିଳିଛି। ଯଦିଓ ଏହି ପଥର ଶିଳାଲେଖଗୁଡ଼ିକ ପ୍ରାକୃତରେ ଲେଖାଯାଇଥିଲା, ସେମାନେ ଓଡ଼ିଆ ଭାଷାର ପ୍ରାରମ୍ଭିକ ରୂପଗୁଡ଼ିକୁ ପ୍ରକାଶ କରନ୍ତି।

ଏହା ବ୍ୟତୀତ, ସପ୍ତମ ଏବଂ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ମିଳିଥିବା ତାମ୍ରଫଳକ ଶିଳାଲେଖଗୁଡ଼ିକ ଓଡ଼ିଆ ଭାଷାର ବିକାଶର ସ୍ପଷ୍ଟ ପ୍ରମାଣ ପ୍ରଦାନ କରେ। ସେ ସମୟର ଭାଷାକୁ ପୁରୁଣା ଓଡ଼ିଆ କୁହାଯାଇପାରେ। ଏହି ଭାଷାରେ ଅନେକ ସ୍ଥାନୀୟ ଶବ୍ଦ ଏବଂ ରୂପ ବ୍ୟବହାର କରାଯାଇଥିଲା। ଓଡ଼ିଆ ଭାଷାର ସାହିତ୍ୟିକ ପ୍ରମାଣ ମଧ୍ୟ ଏହାର ପ୍ରାଚୀନତାକୁ ସୂଚାଇଥାଏ। ଚତୁର୍ଦ୍ଦଶ ଶତାବ୍ଦୀର କବି ପଂସନ୍ତ ଦାସଙ୍କ ଦ୍ୱାରା ଲିଖିତ ମହାଭାରତ ଓଡ଼ିଆ ସାହିତ୍ୟର ଏକ ମହାନ କୃତି। ଏହାର ଭାଷା ସାଧାରଣ ଲୋକଙ୍କ ପାଇଁ ସରଳ ଏବଂ ବୁଝିବା ସହଜ ଥିଲା। ପଂସନ୍ତ ଦାସଙ୍କୁ ଓଡ଼ିଆ ସାହିତ୍ୟର ପ୍ରଥମ କବି ଭାବରେ ବିବେଚନା କରାଯାଏ। ପରେ, ପଞ୍ଚସଖା ଯୁଗରେ, ଓଡ଼ିଆ ଭାଷା ଆହୁରି ବିକଶିତ ହୋଇଥିଲା। ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଏବଂ ଯଶୋବନ୍ତ ଦାସଙ୍କ ପରି କବିମାନେ ଆଧ୍ୟାତ୍ମିକ ଏବଂ ସାହିତ୍

ରାୟଗଡା ଜିଲ୍ଲାରେ ଶିଶୁ ମୃତ୍ୟୁ ଉଦବେଗଜନକ

■ ୫ ବର୍ଷରେ ୩୫୦୦ ଶିଶୁ ମୃତ୍ୟୁ
■ ରୋକି ପାରୁନି ପ୍ରଶାସନ

ରାୟଗଡା,୧୧।୬(ଆନିସ) ରାୟଗଡା ଜିଲ୍ଲାରେ ମାତୃ ମୃତ୍ୟୁ ହାର ବଢ଼ିବା ସହ ବର୍ଷକୁ ବର୍ଷ ଶିଶୁ ମୃତ୍ୟୁହାର ମଧ୍ୟ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ସରକାରୀ ସୂଚନା ଅନୁଯାୟି ପ୍ରତି ଏକ ହଜାର ଶିଶୁଙ୍କ ଜନ୍ମରେ ୪୮ ଜଣ ଶିଶୁଙ୍କର ମୃତ୍ୟୁ ହେଉଛି। ଗତ ୫ ବର୍ଷରେ ୩୫୦୦ ଶିଶୁଙ୍କ ମୃତ୍ୟୁ ହୋଇଥିବା ଖୋଦ ସ୍ୱାସ୍ଥ୍ୟ ବିଭାଗ ସୂଚନାରୁ ଜଣାପଡିଛି । ୫ ବର୍ଷ ମଧ୍ୟରୁ ଜିଲ୍ଲାରେ ସବୁଠାରୁ ଅଧିକା ଶିଶୁ ମୃତ୍ୟୁ ୨୦୨୬ରେ ହୋଇଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁଯାୟୀ ଗତ ୨୦୨୧-୨୨ ମସିହାରେ ୨୨ ହଜାର ୨୭୦ ଜଣ ଶିଶୁ ଜନ୍ମ ହୋଇଥିବା ବେଳେ ୬୮୬ ଶିଶୁଙ୍କ ମୃତ୍ୟୁ ହୋଇଥିଲା । ସେହିଭଳି ୨୦୨୨-୨୩ ମସିହାରେ ୧୯ହଜାର ୯୮୨ ଜଣ ଶିଶୁ ଜନ୍ମ ହୋଇଥିବା ବେଳେ ୬୬୧ ଶିଶୁ ମୃତ୍ୟୁ, ୨୦୨୩-୨୪ ମସିହାରେ ୧୯ହଜାର ୪୭୫ ଜଣ ଶିଶୁ ଜନ୍ମ ହୋଇଥିବା ବେଳେ ୬୭୫ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୪-୨୫ ମସିହାରେ ୧୮ହଜାର ୭୯୩ ଜଣ ଶିଶୁ ଜନ୍ମ ହୋଇଥିବା ବେଳେ ସେଥି ମଧ୍ୟରୁ ମଧ୍ୟରୁ ୬୭୪ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୨୦୨୫-୨୬ ମସିହାରେ ୧୫ହଜାର ୯୭୬ ଶିଶୁ ଜନ୍ମ ହୋଇଥିବା ବେଳେ ୬୫୫ ଶିଶୁଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଗତବର୍ଷକୁ ତୁଳନାରେ ୨୦୨୫-୨୬ରେ ଅଧିକା ଶିଶୁ ମୃତ୍ୟୁ ବରଣ କରିଛନ୍ତି ଯାହାକି ଉଦବେଗଜନକ ହୋଇଛି । ରାୟଗଡା ଜିଲ୍ଲାରେ ଗର୍ଭବତି ମହିଳାଙ୍କ ରକ୍ତହିନତା,

ହାଇପରଟେନସନ,ପ୍ରସବ ପୂର୍ବରୁ ରକ୍ତସ୍ରାବ,କମ ଓଜନର ଶିଶୁ ଜନ୍ମ ଏବଂ ଅନ୍ୟାନ୍ୟ କାରଣରୁ ପ୍ରତିବର୍ଷ ଏତେ ସଂଖ୍ୟାରେ ଶିଶୁ ଜନ୍ମହୋଇ କିମ୍ବା ଗର୍ଭରେ ମୃତ୍ୟୁବରଣ କରୁଛନ୍ତି । ପ୍ରସବ ପାଇଁ କେବଳ ଡିଏଚଏଚ ଏବଂ ଏସଡିଏଚରେ ଆବଶ୍ୟକିୟ ସୁବିଧା ରହିଥିବା ବେଳେ ଅନ୍ୟ କୌଣସି ସିଏଚସି କିମ୍ବା ପିଏଚସି ରେ କୌଣସି ସୁବିଧା ନାହିଁ । ରାୟଗଡା ଜିଲ୍ଲାରେ ମୁଖ୍ୟ ଚିକିତ୍ସାଳୟରେ ୨୪ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ନବଜାତ ଯତ୍ନ ୟୁନିଟ ରହିଛି । ସେହିଭଳି ଗୁଣପୁର ଏସଡିଏଚ ଏବଂ ମୁନିଗୁଡା ସିଏଚସି ରେ ୪ ଶଯ୍ୟା ବିଶିଷ୍ଟ ନବଜାତ ଷ୍ଟେବିଲାଇଜେସନ ୟୁନିଟ ପ୍ରତିଷ୍ଠା ହୋଇଛି । ଗୋଟିଏ ପଟେ ଜିଲ୍ଲାରେ ପ୍ରତିବର୍ଷ ୧୫ହଜାର ଉର୍ଦ୍ଧ୍ୱ ଶିଶୁ ଜନ୍ମ ହେଉଥିବା ବେଳେ ମାତ୍ର ୩୨ଟି ନବଜାତକଙ୍କ ପାଇଁ ନବଜାତ ଯତ୍ନ ୟୁନିଟରେ ଶଯ୍ୟା ରହିଛି । ଏଥିରୁ ସହଯରେ ଅନୁମେୟ ଜିଲ୍ଲାରେ ନବଜାତକଙ୍କ ଜୀବନ ପାଇଁ କିଭଳି ବ୍ୟବସ୍ଥା ରହିଛି । ସେହିଭଳି ଜିଲ୍ଲାରେ ୧୬ଟି ଶିଶୁ ବିଶେଷଜ୍ଞ ଡାକ୍ତର ପଦବି ଅନୁମୋଦିତ ହୋଇଥିବା ବେଳେ ମାତ୍ର ୩ଜଣ ଶିଶୁ ବିଶେଷଜ୍ଞ ରହିଥିବା ସ୍ୱାସ୍ଥ୍ୟ ବିଭାଗର ସୂଚନାରୁ ଜଣାପଡିଛି । ଅପରପକ୍ଷରେ ସ୍ୱାସ୍ଥ୍ୟ କର୍ମଚାରୀ ଅଭାବରୁ ବିଭାଗ ସଂପୂର୍ଣ ଭାବେ ଆଶା ଦିଦୀ ଏବଂ ଅଙ୍ଗନବାଡି ଦିଦୀ ଉପରେ ନିର୍ଭରଶିଳ ହୋଇଯାଇଛି । ଯଦିଓ ଆଶା ଓ ଅଙ୍ଗନବାଡି ଦିଦୀ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଛନ୍ତି କିନ୍ତୁ ଗର୍ଭବତି ମାଁ ଏବଂ ଗର୍ଭସ୍ଥ ଶିଶୁଙ୍କ ଅବସ୍ଥା ସଂପର୍କରେ ଅତି ସାଧାରଣ ଜ୍ଞାନ ରହିଥବାରୁ ବର୍ତମାନ ଜିଲ୍ଲାରେ ଶିଶୁ ଏବଂ ମାତୃ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି ଯାହାକି ଜିଲ୍ଲା ପାଇଁ ଉଦବେଗର କାରଣ ପାଲଟିଛି । ରାୟଗଡା ଜିଲ୍ଲା ଭଳି ଦୁର୍ଗମ ଅଂଚଳରେ ଗର୍ଭବତୀ ମହିଳାଙ୍କୁ ଠିକ ଭାବେ ସ୍ୱାସ୍ଥ୍ୟ ସେବା ମିଳୁନଥିବାର ଏଭଳି ସମସ୍ୟା ଉପୁଯୁଛି ବୋଲି କୁହାଯାଇଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଡିପିଏମ ଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ଦେଇନଥିଲେ ।

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ନାତକ ଫଳ ପ୍ରକାଶ: ବାଣିଜ୍ୟ ଓ ବିଏଡ୍‌ରେ ଶତପ୍ରତିଶତ ସଫଳତା

ଜୟପୁର,୧୧।୬ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ୨୦୨୬ ମସିହା ସ୍ନାତକ (ୟୁଜି) ଓ ବୃତ୍ତିମୂଳକ ପାଠ୍ୟକ୍ରମର ପରୀକ୍ଷା ଫଳାଫଳ ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ନାତକ ବ୍ୟାଚ୍‌ର ପରୀକ୍ଷା ଫଳ ହୋଇଥିବାରୁ ଦକ୍ଷିଣ ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଏହାକୁ ଏକ ଐତିହାସିକ ମାଇଲଖୁଣ୍ଟ ଭାବେ ଅଭିହିତ କରାଯାଇଛି। ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର କୁଳପତି ପ୍ରଫେସର ହୃଷୀକେଶ ସେନାପତି ଏହି ଫଳାଫଳ ଘୋଷଣା କରିବା ସହ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରକାଶିତ ଫଳାଫଳ ଅନୁଯାୟୀ, ଚଳିତ ବର୍ଷ ବାଣିଜ୍ୟ ଏବଂ ବିଏଡ୍ ପାଠ୍ୟକ୍ରମରେ ପରୀକ୍ଷାଫଳ ଶତପ୍ରତିଶତ (୧୦୦%) ରହିଛି। ଅନ୍ୟ ବିଭାଗଗୁଡ଼ିକ ମଧ୍ୟରେ କଳାରେ ୯୬.୬୨%, ବିଜ୍ଞାନରେ ୯୩.୬୩%, ବିସିଏ ରେ ୯୫.୫୫% ଏବଂ ବିବିଏ ରେ ୮୯.୮୯% ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି।ସର୍ବଶ୍ରେଷ୍ଠ ସ୍ନାତକ ଭାବେ କଳା ବିଭାଗରେ ସୁଦୀପ୍ତା ଜ୍ୟୋତି ପାତ୍ର (ଭୂଗୋଳ), ବିଜ୍ଞାନରେ ଭୂପେନ ରାୟ (ରସାୟନ ବିଜ୍ଞାନ) ଏବଂ ବାଣିଜ୍ୟରେ ବିଶ୍ୱନାଥ ସାବର ମନୋନୀତ ହୋଇଛନ୍ତି। ସେହିପରି ବୃତ୍ତିମୂଳକ ପାଠ୍ୟକ୍ରମରେ ପେଣ୍ଟା ଗାୟତ୍ରୀ (ବିବିଏ), ଆର୍ଯ୍ୟନ କୁମାର ରାଜକ (ବିସିଏ) ଏବଂ ପ୍ରିୟଙ୍କା ସାବତ (ବିଇଡି) ବିଶ୍ୱବିଦ୍ୟାଳୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି।ଏହି ଅବସରରେ କୁଳପତି ପ୍ରଫେସର ସେନାପତି ଜାତୀୟ ଶିକ୍ଷା ନୀତି (-୨୦୨୦) ଅନୁଯାୟୀ ଶିକ୍ଷାଦାନକୁ ଅଧିକ ଛାତ୍ରକେନ୍ଦ୍ରିକ ଓ ପ୍ରଯୁକ୍ତିନିର୍ଭର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ, ଆଜିର ପ୍ରତିଯୋଗିତାମୂଳକ ଯୁଗରେ କେବଳ ପାଠ୍ୟପୁସ୍ତକ ନୁହେଁ, ବରଂ ବ୍ୟବହାରିକ ଜ୍ଞାନ, ସ୍କିଲ୍ ଏନହାନ୍ସମେଣ୍ଟ, ଇଣ୍ଟର୍ନଶିପ୍ ଏବଂ ନିୟମିତ ଆଭ୍ୟନ୍ତରୀଣ ମୂଲ୍ୟାୟନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ କରାଯିବ।

ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ପ୍ରଧାନ ପରିସଂଖ୍ୟାନ ଉପସ୍ଥାପନ କରିଥିବା ବେଳେ କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। କ୍ୟାପ୍ଟେନ୍ ଡଃ ଲକ୍ଷ୍ମଣ ପାତ୍ର ଗଣମାଧ୍ୟମକୁ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ।

ସମଲାଇପଦର ନର୍ସରୀର ନିଚ୍ଚାଟିଆ କୁଅରୁ ମୁର୍ମୁଷ ଅବସ୍ଥାରେ ଯୁବକ ଉଦ୍ଧାର, ହତ୍ୟା ଉଦ୍ୟମ ଅଭିଯୋଗ

ବରଗଡ଼, ୧୧।୬ (ଆନିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ସମଲାଇପଦର ନର୍ସରୀ ଅଞ୍ଚଳର ଏକ ନିଚ୍ଚାଟିଆ କୁଅରୁ ଜଣେ ବ୍ୟକ୍ତିଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କ କହିବା ଅନୁସାରେ, ଗତ ରବିବାର ପୂର୍ବାହ୍ନ ପ୍ରାୟ ୩ଟା ସମୟରେ ପାଞ୍ଚଜଣ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ପରେ ସେ ମୃତ ବୋଲି ଭାବି ତାଙ୍କୁ ଉକ୍ତ କୁଅ ମଧ୍ୟରେ ପକାଇ ଦେଇ ଚାଲିଯାଇଥିବା ସେ ଅଭିଯୋଗ କରିଛନ୍ତି। କୁଅ ଭିତରେ ଚାରି ଦିନ ଧରି ଭୋକ ଓ ଉପବାସରେ ରହି ସେ ଜୀବନ ସହ ସଂଘର୍ଷ କରୁଥିବା ଜଣାପଡ଼ିଛି।

ବୁଧବାର ଦିନ ସମଲାଇପଦର ଗ୍ରାମର ଜଣେ ବ୍ୟକ୍ତି ଜଙ୍ଗଲ ଅଞ୍ଚଳକୁ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ କୁଅ ଭିତରୁ ଜଣେ ଲୋକଙ୍କ ଚିତ୍କାର ଶୁଣିଥିଲେ। ସେ ତୁରନ୍ତ ଗ୍ରାମକୁ ଫେରି ଏହି ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇଥିଲେ। ଖବର ପାଇ ଗ୍ରାମବାସୀମାନେ ଘଟଣାସ୍ଥଳକୁ ପହଞ୍ଚି ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ।

ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବହୁ ପ୍ରୟାସ ପରେ କୁଅ ଭିତରୁ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ପରେ ତାଙ୍କୁ ଚିକିତ୍ସା ପାଇଁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ଉଦ୍ଧାର ହୋଇଥିବା ବ୍ୟକ୍ତି ଜଣକ ପଦ୍ମପୁର ଅଞ୍ଚଳ ପୁରେନା ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ତେବେ ତାଙ୍କର ପରିଚୟ ଓ ଘଟଣାର ସମ୍ପୂର୍ଣ୍ଣ ସତ୍ୟତା ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି।

ମାଛ ଚାଷୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର

ନର୍ଲା, ୧୧।୬ (ଆନିସ): ସରକାର ଚାଷୀଙ୍କୁ ସ୍ୱାବଲମ୍ବୀ କରିବାକୁ ବିଭିନ୍ନ ଯୋଜନା ପ୍ରଣୟନ କରି ସବସିଡିରେ ଆର୍ଥିକ ସହଯୋଗ କରିବା ସହିତ ସେମାନଙ୍କୁ ବିଭିନ୍ନ ପ୍ରକାର ଚାଷ କରିବାକୁ ତାଲିମ୍ ଦେଇ ଆସୁଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲାରେ ଥିବା କୃଷି କାର୍ଯ୍ୟାଳୟ ପରିସରରେ ମଧ୍ୟ ମାଛ ଚାଷୀ ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ନର୍ଲା କୃଷି ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ନର୍ଲା ବ୍ଲକର ଶତାଧିକ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ। ଆଧୁନିକ ପଦ୍ଧତିରେ ଉନ୍ନତ ମାନର ମାଛ ଚାଷ କରିବା ସହିତ ଜୈବିକ ସାର ପ୍ରତି ଅଧିକ ଗୁରୁତ୍ୱ ଦେବା ଏହି ଶିବିରର ଲକ୍ଷ ଥିବା ପ୍ରକାଶ କରିଛନ୍ତି ନର୍ଲା କୃଷିବିଭାଗର ସହକାରୀ ମହ୍ୟ ଅଧିକାରୀ।

ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ୧୨୫ ତମ ତିରୋଧାନ ଦିବସ ପାଳିତ

ବୈପାରିଗୁଡା,୧୧।୬ (ଆନିସ): ମହାନ୍ ବିପ୍ଳବୀ ବୀରସା ମୁଣ୍ଡାଙ୍କ ୧୨୫ ତମ ତିରୋଧାନ ଦିବସ ପାଳନ କରାଯାଇଛି। ଗତକାଲି କୋରାପୁଟ ଜିଲ୍ଲା ଅଲ୍ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟି ପକ୍ଷରୁ ପୈରିଗୁଡ଼ା ବ୍ଲକର କୋଲର୍ ପଞ୍ଚାୟତ ଅନ୍ତର୍ଗତ କସମ୍ ଗୁଡ଼ାସ୍ଥିତ ବିଦ୍ୟାଳୟ ପରିସରରେ ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡା ଙ୍କ ୧୨୫ ତମ ତିରୋଧାନ ଦିବସ ପାଳନ କରାଯାଇଛି ।ପ୍ରାରମ୍ଭରେ ବିର୍ସା ମୁଣ୍ଡାଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ଓ ବିପ୍ଳବୀ ସଙ୍ଗୀତ ଗାନ ପରେ ଏହି ସଂଗଠନ ଆବାହକ ସୂର୍ଯ୍ୟ ବିଷୋୟୀ ଙ୍କ ସଭା ପତିତ୍ୱ ରେ ସଭା କାର୍ଯ୍ୟ ଆରମ୍ଭ ହୋଇ ଥିଲା । କମିଟିର ବରିଷ୍ଠ ସଦସ୍ୟ କାହୁଁ ଚରଣ ବିଶ୍ୱାଳ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ବିପ୍ଳବୀ ବିର୍ସା ମୁଣ୍ଡା ଙ୍କ ଜୀବନୀ ଉପରେ ଆଲୋକ ପାତ୍ କରି କହିଲେ ଯେ, ମହାନ୍ ସଂଗ୍ରାମୀ ,ଉଲ୍ଗୁଲାନ ର ସ୍ରଷ୍ଟା, ବିରସା ମୁଣ୍ଡା ବ୍ରିଟିଶ ରାଜ ର ଆଦିବାସୀ ଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କୁ ଭାରତ ମାଟିରୁ ବିତାଡନ ପାଇଁ ଯେଉଁ ସଂଗ୍ରାମ କରିଥିଲେ ,ଆଜି ସ୍ୱାଧୀନ ଭାରତରେ ସରକାର ଆଦିବାସୀଙ୍କ ଜମି ,ଜଙ୍ଗଲ, ଜଳ କୁ ଦେଶ ବିଦେଶର ଧନୀ ପୁଞ୍ଜିପତି ଙ୍କ ହାତକୁ ଟେକି ଦେଇଛନ୍ତି ତାରି ବିରୁଦ୍ଧରେ ଶୋଷଣ ର ଚୀର ଅବସାନ ପାଇଁ ଆଉ ଏକ ସ୍ୱାଧୀନତା ସଂଗ୍ରାମର ଆବଶ୍ୟକତା କୁ ଉପଲବ୍ଧି କରିବା ଉଚିତ୍ ବୋଲି କହିଥିଲେ ।

କୁନ୍ଦୁରା ପୁଲିସର ଅତର୍କିତ ଚଢ଼ାଉ ,୧୮ ଶହ ଲିଟର ମହୁଲ ପୋଚ ନଷ୍ଟ ସହ ବ୍ୟବହୃତ ସାମଗ୍ରୀ ଜବତ

କୁନ୍ଦୁରା,୧୧।୬ (ଆନିସ): କୋରାପୁଟ ଜିଲ୍ଲା କୁନ୍ଦୁରା ପୁଲିସ ପକ୍ଷରୁ ଅତର୍କିତ ଭାବେ ଦେଶୀ ମଦ ଭାଟି ଚଢ଼ାଉ କରାଯାଇଛି ଏସ୍ ଆଇ ସ୍ୱରୂପା ମଲ୍ଲିକଙ୍କ ନେତୃତ୍ୱରେ ଆସନା ପଞ୍ଚାୟତ ଉଦଳଗୁଡ଼ା ଗାଁ ତଳ ନାଳ ପାର୍ଶ୍ୱ ଦେଶୀ ଭାଟିରେ ଅଚାନକ ଚଢ଼ାଉ କରାଯାଇଥିଲା । ସେ ଅଞ୍ଚଳରୁ ଶହେ ଲିଟର ବିଶିଷ୍ଟ ୨୭ ଟି ପ୍ଲାଷ୍ଟିକ ଡ୍ରମ, ୪୫ ଲିଟର ବିଶିଷ୍ଟ ତିନୋଟି ମୋଟର ଟିୟୁ ଓ ଦୁଇଟି ରସ ହାଣ୍ଡିରେ ପୋଚ ଭର୍ତ୍ତି ରହିଥିଲା ସମୁଦାୟ ୧୮୩୫ ଲିଟର ପୋଚ ନଷ୍ଟ କରାଯାଇଛି । ପୋଚ ଥିବା ମଦରନ୍ଧା ପାଇଁ ବ୍ୟବହୃତ ସମାଗ୍ରୀ ସହ ତିନି କୁଇଣ୍ଟାଲ କାଠ ଜବତ କରାଯାଇଛି ପୁଲିସକୁ ଦେଖି ଦୌଡ଼ି ପଳାଇ ଥିଲେ ମଦ ରନ୍ଧାଳୀ କାହାରିକୁ ଧରିବାରେ ସଫଳ ହୋଇନାହିଁ ପୁଲିସ ପୁଲିସ ପକ୍ଷରୁ ଉଦଳଗୁଡ଼ା ସମେତ ଲିମା, ଘିଉରିଆଗୁଡ଼ା ଓ କୁସୁମଗୁଡ଼ା ଆଦି ଅଞ୍ଚଳରେ ଚଢାଉ କରାଯାଇଥିଲା । ଏ ସବୁ ସମାଗ୍ରୀ ଜବତ ପରେ ଏକ କେସ୍ ରୁଜୁ କରାଯାଇଥିବା ସୂଚନା ଦେଇଛନ୍ତି ଏସଆଇ ମଲ୍ଲିକ ଅନ୍ୟ ମାନଙ୍କ ମଧ୍ୟରେ ଏଏସଆଇ ସନାତନ ସୁନାନୀ, ପୁରୁଷୋତ୍ତମ ରାୟ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ । ଏହି ଚଢ଼ାଉ ବିଷୟରେ ସୂଚନା ପାଇ କୁନ୍ଦୁରା ବ୍ଲକ ବାସୀ ତଥା ବୁଦ୍ଧିଜୀବୀ ଓ ସମାଜସେବୀ ମହଲ ରେ କୁନ୍ଦୁରା ପୋଲିସ କୁ ପ୍ରଶଂସା କରିଥିବା ବେଳେ ବୈପାରୀଗୁଡା ଅବକାରୀ ବିଭାଗକୁ ନେଇ ଅନେକ ସମାଲୋଚନା କରିଥିଲେ । ଯେଉଁ ବିଭାଗୀୟ କର୍ମଚାରୀ କେବଳ ନିଶା ଦ୍ରବ୍ୟ କାରୋବାର ରୋକବା ପାଇଁ ବ୍ୟବସ୍ଥିତ ହୋଇଛନ୍ତି ସେମାନେ ମଧୁଚନ୍ଦ୍ରିକା ରେ ଅନ୍ଧ ପୁଟୁଳି ବାନ୍ଧି ବସି ରହୁଛନ୍ତି ସେମାନଙ୍କ କାର୍ଯ୍ୟକୁ କୁନ୍ଦୁରା ପୋଲିସ ତୁଲାଇ ଚାଲିଛି ବୋଲି ଆଲୋଚନା ଚାଲିଛି ।

ଜୟପୁର ଠାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲିବାକୁ ଦାବୀ

ଜୟପୁର ,୧୧।୬ (ଆନିସ):ଜୟପୁର ଠାରେ କୋରାପୁଟ ଜିଲ୍ଲା ପରିବହନ ଅଧିକାରୀଙ୍କ ସାପ୍ତାହିକ କାର୍ଯ୍ୟାଳୟ ଖୋଲିବା ପାଇଁ ଜୟପୁର ଉପ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଦାବୀ କରିଛନ୍ତି ସମାଜ ସେବୀ ବି ହରି ରାଓ । ଏଥିରେ ଉଲ୍ଲେଖ ଅଛି ଯେ ଜୟପୁର ଉପଖଣ୍ଡ ଏବଂ ଏହାର ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ, ଯାନବାହନ ମାଲିକ ଏବଂ ଚାଳକମାନେ ପରିବହନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପାଇଁ କୋରାପୁଟ ସ୍ଥିତ ଜିଲ୍ଲା ପରିବହନ କାର୍ଯ୍ୟାଳୟକୁ ଯିବାକୁ ବାଧ ହେଉଛନ୍ତି। ଏହା ଫଳରେ ସମୟ, ଅର୍ଥ ଏବଂ ଶ୍ରମର ଅପଚୟ ଘଟୁଛି।ଜୟପୁର ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ବାଣିଜ୍ୟିକ ଓ ପ୍ରଶାସନିକ କେନ୍ଦ୍ର ହୋଇଥିବାରୁ ଏଠାରେ ଯାନବାହନ ସଂଖ୍ୟା ମଧ୍ୟ ଦ୍ରୁତ ହାରରେ ବୃଦ୍ଧି ପାଇଛି। ଡ୍ରାଇଭିଂ ଲାଇସେନ୍ସ, ଯାନ ପଞ୍ଜୀକରଣ, ପରମିଟ, କର ଆଦାୟ ଓ ଅନ୍ୟାନ୍ୟ ପରିବହନ ସେବା ପାଇଁ ସ୍ଥାନୀୟ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏଣୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଜୟପୁର ଠାରେ ସପ୍ତାହକୁ ଅତି କମରେ ଗୋଟିଏ ଦିନ କୋରାପୁଟ ଜିଲ୍ଲା ପରିବହନ ଅଧିକାରୀଙ୍କ ଏକ ସାପ୍ତାହିକ କାର୍ଯ୍ୟାଳୟ ଖୋଲାଯାଉ ବୋଲି ଆମେ ଦୃଢ଼ ଦାବୀ କରୁଛୁ। ଏହା ଦ୍ୱାରା ହଜାର ହଜାର ଲୋକ ଉପକୃତ ହେବେ ଏବଂ ପରିବହନ ସେବା ଅଧିକ ସୁଗମ ହୋଇପାରିବ।ସରକାର ଏବଂ ସମ୍ପୃକ୍ତ ବିଭାଗ ଏହି ଦାବୀକୁ ସକାରାତ୍ମକ ଭାବେ ବିଚାର କରି ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ପୂର୍ବରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଜୟପୁର ଘୋରଇ ବସ ମାଲିକ ସଂଘ ବହୁବାର ଦାବି କରିବା ପରେ କିଛି ଦିନ ଜୟପୁର ଠାରେ ଅସ୍ଥାୟି ଆରଟିଓ କାର୍ଯ୍ୟାଳୟ ଚାଲିଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ବନ୍ଦ କରିଦିଆଯାଇଛି ଏହାକୁ ପୁନର୍ବାର ଆରମ୍ଭ କରିବାକୁ ଦାବୀ ହୋଇଛି।

ଘୁ.ଉଦୟଗିରି କନବାଗେରିରେ ନୂତନ ବାପଟିଷ୍ଟ ଚର୍ଚ୍ଚ ନୂତନ କୋଠା ଗୃହ ଉଦଘାଟିତ

ଘୁ.ଉଦୟଗିରି, ୧୧।୬ (ଆନିସ): ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୨ କନବାଗେରି ଉତ୍ତର ଭାରତୀ ମଣ୍ଡଳୀରେ ନିର୍ମାଣ ହୋଇ ଥିବା ନୂତନ ଚର୍ଚ୍ଚ କୋଠା ଗୃହ ବୁଧବାର ଦିନ ଅତିଥିଙ୍କ ଦ୍ୱାରା ଶୁଭ ଉଦଘାଟନ ହୋଇଯାଇଛି । ଏହି ଶୁଭ ମୁହୂର୍ତ୍ତରେ ମୁଖ୍ୟଅତିଥି ଭାବେ ମୋଡେରେଟର,ସିଏନ୍‌ଆଇ ପାରିତୋଷ କେନିଙ୍ଗ ଯୋଗ ଦେଇଥିବା ବେଳେ,ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଡାୟୋସିସ ବିଷଫ ଶ୍ରୀମତୀ ଭାୟୋଲେଟ

ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସାମିଲ ହେଲେ ମନ୍ତ୍ରୀ

କୁଚିଣ୍ଡା,୧୦।୬(ଆନିସ) ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଚାଲିଥିବା ବେଳେ ବୁଧବାର ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଏହି ପ୍ରକ୍ରିୟାରେ ନିଜେ ସାମିଲ ହୋଇଛନ୍ତି।ସହକାରୀ ପଞ୍ଜିକରଣ ଅଧିକାରୀ ତଥା କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କ ନେତୃତ୍ୱରେ ଅତିରିକ୍ତ ବିଡ଼ିଓ ଜଗମୋହନ କିଷାନି,ଏଲଓ ମରିଥିଲା ପୃଷେଠ,ସୁପରଭାଇଜର ତପସ୍ୟା ବାଘ ପ୍ରମୁଖ ମନ୍ତ୍ରୀ ନାଏକଙ୍କ କୁଚିଣ୍ଡା ସ୍ଥିତ ବାସଭବନକୁ ଯାଇ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରେ ଥିବା ନମ୍ବର ସହ ଆଧାର ଯାଞ୍ଚ କରି ପଞ୍ଜିକରଣ କରିଥିଲେ।ଏହି ଅବସରରେ ମନ୍ତ୍ରୀ ନାଏକ କହିଛନ୍ତି,ଏହା ଦ୍ୱାରା ଜଣେ ବ୍ୟକ୍ତି ସଠିକ ନାଗରିକ ଭାବେ ଚିହ୍ନଟ ହୋସହ ଜଣେ ଭାରତୀୟ ନାଗରିକ ଭାବେ ସ୍ୱୀକୃତି ପାଇବାର ଏକ ପ୍ରକ୍ରିୟା। ପ୍ରକାଶ ଥାଉକି, ମନ୍ତ୍ରୀ ନାଏକଙ୍କ ନିଜ ପଥ କୁଚିଣ୍ଡା ବ୍ଲକର ଖଣ୍ଡୋକଟା ହୋଇଥିବାରୁ ସଂପୃକ୍ତ ବୁଥର ବିଏଲଓ ଏବଂ ସୁପରଭାଇଜର ସାମିଲ ହୋଇଥିଲେ।

ବୃତଙ୍ଗ ଜଳସେଚନ ଯୋଜନା ବହୁବର୍ଷ ଆଗରୁ ହୋଇ ପାରିଥାନ୍ତା : କଂଗ୍ରେସ

ନୟାଗଡ, ୧୦/୬ (ଆନିସ): ବୃତଙ୍ଗ ବୃହତ ଜଳସେଚନ ଯୋଜନା ୨୦୧୨ ମସିହାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଅର୍ଥଶାସ୍ତ୍ରୀ ଡ଼. ମନମୋହନ ସିଂ ନେତୃତ୍ୱାଧୀନ ୟୁପିଏ ସରକାର ଷ୍ଟେଜ ୱାନ ଜଙ୍ଗଲ ପରିବେଶ ମଞ୍ଜୁରୀ ଦେଲାପରେ ଷ୍ଟେଜ ଟୁ ଇ କ୍ଲିୟରାନ୍ସ ପାଇଁ ୧୪ ବର୍ଷ ଲାଗିଲା ଯଦି ଆବଶ୍ୟକୀୟ ସର୍ତ୍ତାବଳୀ ବର୍ଷେ ଦୁଇବର୍ଷ ଭିତରେ ତତ୍କାଳୀନ ରାଜ୍ୟ ସରକାର ପୂରଣ କରିଥିଲେ ବୋଧହୁଏ ବହୁପ୍ରତକ୍ଷିତ ବୃତଙ୍ଗ ଜଳସେଚନ ପ୍ରକଳ୍ପ ୧୪ ବର୍ଷ ତଳୁ ଜିଲ୍ଲାରେ କାର୍ଯ୍ୟକାରୀ ହୋଇପାରି ଥାନ୍ତା ବୋଲି ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଗଣମାଧ୍ୟମ ମାଧ୍ୟମରେ ଜିଲ୍ଲାବାସୀଙ୍କୁ ଜଣାଇଛନ୍ତି ଜିଲ୍ଲାର ହଜାରହଜାର ଚାଷୀଙ୍କ ସ୍ୱାର୍ଥବିରୋଧି ଏବଂ ଜୀବନଜୀବିକା ସହିତ ଷଡଯନ୍ତ୍ର ପାଇଁ ବାସ୍ତବରେ ଉତ୍ତରଦାୟୀ କିଏ ବୋଲି ପ୍ରଶ୍ନ କରିଛନ୍ତି ଡିସିସି ସଭାପତି ଶ୍ରୀ ଦାଶ ଜିଲ୍ଲାର ୩୦୯ ଗ୍ରାମର ୨୩୩୦୦ ହେକ୍ଟର ଆୟାକଟ ଚାଷଜମି ଅନ୍ତର୍ଗତ ଚାଷୀଭାଇଙ୍କ ପ୍ରତି ଅନ୍ୟାୟ କରାଯାଇ ନୟାଗଡ଼ ଜିଲ୍ଲାର କୃଷିଭିତ୍ତିକ ଅର୍ଥନୈତିକ ବିକାଶକୁ ଯୋଜନାବଦ୍ଧ ଭାବେ ୧୪ ବର୍ଷ ପଛକୁ ନିଆଯାଇଛି ଜିଲ୍ଲା କଂଗ୍ରେସ ସଭାପତି ଡବଲଇଞ୍ଜିନ ସରକାରକୁ ଟାର୍ଗେଟ କରିଛନ୍ତି ତଥାପି ବହୁ ବିଳମ୍ବରେ ବୃତଙ୍ଗ ଜଳସେଚନ ପ୍ରକଳ୍ପ ରାଜ୍ୟ ସରକାରଙ୍କ କ୍ୟାବିନେଟ ଅନୁମୋଦନ ପାଇଥିବାରୁ ଆଦରଣୀୟ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ସରକାର କହିଥିବା ୩୦ ମାସ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ପାଇଁ ଶ୍ରୀ ଦାଶ ମୁଖ୍ୟମନ୍ତ୍ରୀ ମହାଶୟଙ୍କୁ ଅନୁରୋଧ କରିଛନ୍ତି ପ୍ରକଳ୍ପ ପାଇଁ କ୍ଷତିଗ୍ରସ୍ତ ହେଉଥିବା ୫୮ ବିସ୍ଥାପିତ ଗ୍ରାମବାସୀଙ୍କୁ ଆବଶ୍ୟକୀୟ ଆଇନ ଅନୁମୋଦିତ ଥଇଥାନ କ୍ଷତିପୂରଣୀ ପ୍ରଦାନ ପାଇଁ ଜିଲ୍ଲା କଂଗ୍ରେସ ଦାବୀ କରିଛି ।

ପ୍ରଧାନମନ୍ତ୍ରୀଙ୍କ ମଙ୍ଗଳ କାମନା ପାଇଁ ସାମୂହିକ ଦୀପଦାନ

କୁଚିଣ୍ଡା, ୧୧।୬ (ଆନିସ): ସମ୍ବଲପୁର ଜିଲା କୁଚିଣ୍ଡା ପୁରୁଣା ବସ୍ଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସନ୍ଧ୍ୟାରେ ସାମୂହିକ ଦୀପଦାନ କରାଯାଇଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସର୍ବାଧିକ ସମୟ ଅର୍ଥାତ୍ ୧୨ ବର୍ଷ ୧୫ ଦିନ ଧରି ପ୍ରଧାନମନ୍ତ୍ରୀ ଭାବେ ନିରନ୍ତର ସେବା କରି ଇତିହାସ ସୃଷ୍ଟି କରିଛନ୍ତି। ଏହି ଏହି ଗୌରବମୟ ଇତିହାସ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଙ୍ଗଳ କାମନା କରି କୁଚିଣ୍ଡା ବସ୍ଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମିଶି ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ଓ ସୁସ୍ଥ ନିରାମୟ ଜୀବନ ପାଇଁ ଏହି ଦୀପଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ବିଡିଓ ଜୟନ୍ତ ସାହୁ, ଏନ୍ଏସି ନିର୍ବାହୀ ଅଧିକାରୀମନୋରଞ୍ଜନ ସୁନା, ବିଭୂତି କଲ୍ୟାଣ ପ ପଟେଲ, ଭାରତୀୟ ଜନତା ପାର୍ଟି ର ବିଭିନ୍ନ ନଗର ମଣ୍ଡଳର କାର୍ଯ୍ୟକର୍ତ୍ତା ଏବଂ ଜନସାଧାରଣ ସାମିଲ ହାଇ ଦୀପ ଜାଳି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୀର୍ଘ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ।

ପହଣ୍ଡିଆ ସେବାୟତ ସଂଘର କର୍ମକର୍ତା ମନୋନୟନ

ସଭାପତି କୃଷ୍ଣଚନ୍ଦ୍ର ଦାଶ, ସମ୍ପାଦକ ଆନନ୍ଦ ପ୍ରକାଶ ଖଣ୍ଡେଇ ମନୋନୀତ

କେନ୍ଦୁଝର ୧୧।୬ଜିଲ୍ଲାର ରାଷ୍ଟ୍ର ଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କ ପହଣ୍ଡିଆ ସେବାୟତ ସଙ୍ଘର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ବୈଠକରେ ସର୍ବସମ୍ମତି କ୍ରମେ ସଙ୍ଘର ନୂତନ କର୍ମକର୍ତା ଓ ଉପଦେଷ୍ଟା ମଣ୍ଡଳୀଙ୍କୁ ମନୋନୀତ କରାଯାଇଛି ନୂତନ କମିଟିରେ ସଭାପତି ଭାବେ କୃଷ୍ଣଚନ୍ଦ୍ର ଦାଶ ଉପସଭାପତି ଭାବେ ଅନ୍ତର୍ଯ୍ୟାମୀ ପତି ସାଧାରଣ ସମ୍ପାଦକ ଭାବେ ଆନନ୍ଦ ପ୍ରକାଶ ଖଣ୍ଡେଇ ସହସମ୍ପାଦକ ଭାବେ ବିଶ୍ୱଜିତ ଦାଶ ଓ ସନ୍ଦୀପ ପଣ୍ଡା ଏବଂ କୋଷାଧକ୍ଷ ଭାବେ ଶିବଶଙ୍କର ମିଶ୍ର ମନୋନୀତ ହୋଇଛନ୍ତି ସେହିପରି ସଙ୍ଘର ଉପଦେଷ୍ଟା ଭାବେ ଜନ୍ମେଜୟ ଦିବେଦୀ ମଧୁସୂଦନ ମିଶ୍ର କିଶୋର ଚନ୍ଦ୍ର ତ୍ରିପାଠୀ ଏବଂ ଆଇନଜୀବୀ ନିମାଇଁ ଚରଣ ଦାଶଙ୍କୁ ମନୋନୀତ କରାଯାଇଛି ଆଗାମୀ ଦେବସ୍ନାନ ପୁର୍ଣିମା ଏବଂ କେନ୍ଦୁଝରର ବଡ଼ପର୍ବ ରଥଯାତ୍ରାରେ ପହଣ୍ଡି ସେବାକୁ ସୁଚାରୁ ଏବଂ ଶୃଙ୍ଖଳିତ ଭାବେ ସମ୍ପାଦନା କରିବା ସହ ସେବାୟତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ସହ ବଡ଼ଦେଉଳର ପାରମ୍ପରିକ ନୀତିକାନ୍ତିକୁ ଅଖୁର୍ଣ୍ଣ ରଖିବା ସହ ନିଷ୍ଠାର ସହ ସେବା କାର୍ଯ୍ୟ କରିବା ନିମନ୍ତେ ସମସ୍ତ ପହଣ୍ଡିଆ ସେବାୟତଙ୍କୁ ନୂତନ ସଭାପତି କୃଷ୍ଣଚନ୍ଦ୍ର ଦାଶ ଅନୁରୋଧ କରିଛନ୍ତି ନବମନୋନିତ କର୍ମକର୍ତାମାନେ ସଙ୍ଘର ପରମ୍ପରାକୁ ବଜାୟ ରଖି ସେବା କାର୍ଯ୍ୟକୁ ଅଧିକ ସୁଦୃଢ କରିବେ ବୋଲି ମତ ପ୍ରକାଶ କରିଛନ୍ତି

ଖରସ୍ରୋତା ପୁସ୍ତକ ମେଳା ପକ୍ଷରୁ ମେଧା ଓ ଛାତ୍ର ପ୍ରତିଭା ସମ୍ମାନ ସମାରୋହ

ବିଂଝାରପୁର ୧୧।୬(ଆନିସ): ପୁସ୍ତକ ମେଳା କମିଟି ସଭାପତିଶ୍ରୀଯୁକ୍ତ ପଦ୍ମାକର ଗୁରୁ ଙ୍କ ଅଧ୍ୟକ୍ଷତାରେ ଗୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକ ଯୋଗଦେଇ ପ୍ରଶାସନିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ବ୍ୟକ୍ତିବିଶେଷ ମାନେ ଧୈର୍ଯ୍ୟର ସହ ଲୋକଙ୍କ କଥାକୁ ଶୁଣିବା ସହ ସମସ୍ୟାର ଆଶୁ ସମାଧାନ ଲାଗି ଚାପଗ୍ରସ୍ତ ନହୋଇ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ପ୍ରାକ୍ତନ ଏଡିଏମ୍ ଶ୍ରୀଯୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀ ମାନେ ନିଜର ଉତ୍ତମ ଭବିଷ୍ୟତ ନିର୍ମାଣ ଲାଗି କଠିନ ଅଧ୍ୟବସାୟ ଓ ନିୟମିତ ଅଧ୍ୟୟନ ପ୍ରତି ନିରନ୍ତର ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ପ୍ରାକ୍ତନ ସ୍କୁଲପତି ଶ୍ରୀଯୁକ୍ତ କୁମାରବର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ତେତନାର ଜାଗ୍ରତ ହୋଇ କାର୍ଯ୍ୟ ଜାରି ରଖିଲେ ମାନବ ଜୀବନର ଲକ୍ଷ୍ୟ ଚରିତାର୍ଥ ହୋଇଥାଏ ବୋଲି କହିଥିଲେ ଉତ୍ତମ ଚରିତ୍ର ଗଠନ ସହ ରାଷ୍ଟ୍ର ପ୍ରତି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ବୁଝିପାରିଲି ଜୀବନ ସାର୍ଥକ ହୋଇଥାଏ ବୋଲି ସଭାପତି ଶ୍ରୀଯୁକ୍ତ ଗୁରୁ ନିଜ ଅଭିଭାଷଣରେ କହିଥିଲେ ବିଂଝାରପୁର ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଶାନ୍ତନୁ କୁମାର ମଲ୍ଲିକ ବରେଣ୍ୟ ଅତିଥି ରୂପେ ଯୋଗଦେଇ ପୁସ୍ତକ କିପରି ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ପରିବର୍ତ୍ତନ କରିଯାରେ, ତାହା ବର୍ଣ୍ଣନା କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଯାଜପୁର ପୁସ୍ତକ ମେଳା କମିଟି ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ନନ୍ଦ, ମୁଖ୍ୟ ଉପଦେଷ୍ଟା ସୁଶାନ୍ତ କୁମାର ନାୟକ, ପ୍ରାଧାପକ ଅଜୟ କୁମାର ଓଝା, ଅଧକ୍ଷ, ଅଭ୍ୟର୍ଥନା କମିଟି , ଉପଦେଷ୍ଟା ଶ୍ରୀଯୁକ୍ତ ରବି ନାରାୟଣ ସାମଲ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଏପରି ପରିକଳ୍ପନା କୁ ବାସ୍ତବତାରେ ରୂପାନ୍ତର କରିବା ଯଦିଓ କଷ୍ଟଦାୟକ ମାତ୍ର ଏହା ସମ୍ଭବ ବୋଲି କହିଥିଲେ ମେଳା କମିଟି ପକ୍ଷରୁ ଖରସ୍ରୋତା ଅବବାହିକାର ଓ ଏ ଏସ୍ ଉତ୍ତୀର୍ଣ୍ଣ ତିନି ଜଣ ଙ୍କୁ ସର୍ବଶ୍ରୀ ସ୍ୱାଗତିକା ଧଳ, ଅନ୍ବେସା ରାଉତ୍, ଓ ବିଶ୍ୱଜିତ୍ ପଣ୍ଡା ଙ୍କୁ ପ୍ରଶସ୍ତି ପତ୍ର, ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦ୍ୱାରା ସମ୍ମାନଜନୀୟ ଅତିଥି ଗଣ ଖରସ୍ରୋତା ମେଧା ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ ଖରସ୍ରୋତା ଅବବାହିକାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଚିଶ ଜଣ ଯୁକ୍ତ ଦୁଇ କୃତି ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପ୍ରମାଣପତ୍ର, ପୁସ୍ତକ ଦ୍ୱାରା ଓଏଏସ୍ ଧାରୀ ସୁଶ୍ରୀ ଧଳ, ସୁଶ୍ରୀ ରାଉତ୍ ଓ ଶ୍ରୀମାନ ପଣ୍ଡା ଖରସ୍ରୋତା ଛାତ୍ର ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ ଏହି ସମସ୍ତ କାର୍ଯ୍ୟକ୍ରମ କୁ ମେଳା କମିଟିର ଉପଦେଷ୍ଟା ଅମିକା ପ୍ରସାଦ ସାମଲ, ଭାରତ ଭୂଷଣ ମଲ୍ଲିକ, ସରୋଜ କୁମାର ନାୟକ, ତାରାକାନ୍ତ ମଲ୍ଲିକ, କୃଷ୍ଣ ଚନ୍ଦ୍ର ଥାଟୋଇ , ନିରଞ୍ଜନ ଦାସ, ସରୋଜ କୁମାର ମଲ୍ଲିକ, ରତିକାନ୍ତ ସାମଲ, ଶିଶିର କୁମାର ଦାସ, ମନୋଜ ସାହୁ, ବିପିନୀ କୁମାର ବଳ, ରବିନ୍ଦ୍ର କୁମାର ପରିଡା, ରଞ୍ଜନ କୁମାର ଧଳ, ଚନ୍ଦ୍ରମଣି ନାୟକ, ପ୍ରମୋଦ ସାମଲ, ପୂର୍ଣ୍ଣ ଚନ୍ଦ୍ର ଦାଶ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ , ଉପଦେଷ୍ଟା ସନ୍ତୋଷ କୁମାର ବେଉରିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଗଠନ ସମ୍ପାଦକ ନାରାୟଣ୍ ଚନ୍ଦ୍ର ଦାସ ମନ୍ତ୍ର ପାଠ କରିଥିଲେ

ଅନାସ୍ଥା ପ୍ରକ୍ରିୟା ଘୁଞ୍ଚାଇବାକୁ ପ୍ରଶାସନର ଏସ୍ଆଇଆର ବାହାନା

ଚାପରେ କାମ କରୁଥିବା ଅଭିଯୋଗ ଆଣିଲେ ଜନପ୍ରତିନିଧି ଅନାସ୍ଥା କାର୍ଯ୍ୟକାରୀ କରିବାକୁ ଜନପ୍ରତିନିଧିଙ୍କ ଧାରଣା ୧୭ରୁ ଅହୋରାତ୍ର ଧାରଣା ପାଇଁ ଚେତାବନୀ

ନୟାଗଡ଼,୧୦।୬(ଆନିସ) : ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଲେ ନିର୍ବାଚିତ ଜନପ୍ରତିନିଧି । ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା କାର୍ଯ୍ୟକାରୀ କରିବାରେ ପ୍ରଶାସନ କରୁଥିବା ଅବହେଳା ପ୍ରତିବାଦରେ ଧାରଣା ଦିଆଯାଇଥିଲା । ଗତ ମେ ୧୨ ତାରିଖରେ ବିଜେଡିରୁ ଇସ୍ତଫା ଦେଇ ୧୫ ତାରିଖରେ ବିଜେପିରେ ମିଶିଥିଲେ ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ। ଯାହାକୁ ନେଇ ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟ ମେ ୧୮ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଆଜି ପର୍ଯ୍ୟନ୍ତ ଅନାସ୍ଥା ପ୍ରକିୟା ଆରମ୍ଭ ହୋଇନାହିଁ। ଉପଜିଲ୍ଲାପାଳ ଅନାସ୍ଥା ପ୍ରସ୍ତାବରେ ରହିଥିବା ଦସ୍ତଖତ ଯାଞ୍ଚ କରିବାକୁ ପଠାଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ଗତ ୩୦ ତାରିଖରେ ଅନେକ ଜନପ୍ରତିନିଧି ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଘେରାଉ କରିଥିଲେ। ଉପଜିଲ୍ଲାପାଳଙ୍କୁ ପ୍ରଶ୍ନବାଣରେ ଚାଙ୍କୁ ଛନ୍ଦିଥିଲେ। କାହିଁକି ବିଳମ୍ବ ହେଉଛି, ଚାପରେ ପ୍ରଶାସନ ଚେପା ହେଉଛି କି ବୋଲି ପ୍ରଶ୍ନ କରିଥିଲେ। ଉପଜିଲ୍ଲାପାଳ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ। ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପହଞ୍ଚି ଜନପ୍ରତିନିଧିଙ୍କୁ ବୁଝାଶୁଝା କରିଥିଲେ। ଦୁଇ ଦିନ ମଧ୍ୟରେ ଅନାସ୍ଥା ପ୍ରକିୟା ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ। ୩୦ ତାରିଖରୁ ଆଜି ମଧ୍ୟରେ ଜନପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଦୁଇ ଦୁଇ ଥର ଭେଟିବା ପରେ ବି ଅନାସ୍ଥା ପାଇଁ କୌଣସି ପ୍ରକିୟା ଆରମ୍ଭ ହୋଇନାହିଁ। ଘଟଣାକୁ ନେଇ ନୟାଗଡ଼ରେ ରାଜନୈତିକ ମାହୋଲ ଉଷ୍ମ ହେଉଛି। ପ୍ରଶାସନ ସରକାରୀ ଦଳର ହାତ ବାରିଶ ସାଜୁଥିବା ଅଭିଯୋଗ ହୋଇଛି। ଆଜି ନୟାଗଡ଼ ବ୍ଲକ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ଜନପ୍ରତିନିଧିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି । ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାଷ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ର ପ୍ରମୂଖ ଉପସ୍ଥିତ ରହି ଧାରଣାକୁ ସମର୍ଥନ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ଗଣତନ୍ତ୍ରର ହତ୍ୟା କରୁଥିବା ଏବଂ ଅନସ୍ଥା କାର୍ଯ୍ୟକାରୀ କରାନଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ ଗଣମାଧ୍ୟମକୁ କହିଛନ୍ତି । ଆଜି ଦୀର୍ଘ ସମୟ ଧାରଣା ଦେବା ପରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଧାରଣା ସ୍ଥଳକୁ ଆସି ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ଏସ୍ଆଇଆର୍ କାମ ଚାଲିଥିବାରୁ ଜୁଲାଇ ୫ ତାରିଖ ପରେ ଅନସ୍ଥା ପାଇଁ ନୋଟିସ କରାଯିବ ବୋଲି କହିଥିଲେ । ଏହା ଶୁଣି ନିର୍ବାଚିତ ଜନପ୍ରତିନିଧିମାନେ ଜୋରଦାର ବିରୋଧ କରିଥିଲେ । ଅନସ୍ଥା ନୋଟିସ କରାଯିବା ପରେ ଧାରଣା ପ୍ରତ୍ୟାହୃତ ହେବ ବୋଲି କହିଥିଲେ । ଏହା ଶୁଣି ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ସେଠାରୁ ଫେରି ଯାଇଥିଲେ । ଜିଲ୍ଲା ପ୍ରଶାସନ ସରକାରୀ କଳ ଦ୍ୱାରା ଚାପ ଗ୍ରସ୍ତ ବୋଲି ଜନପ୍ରତିନିଧିମାନେ କହିବା ସହ ଅସନ୍ତୋଷ ଜାହିର କରିଥିଲେ । ଜନପ୍ରତିନିଧିମାନେ ଆଜି ଜିଲ୍ଲାପାଳଙ୍କୁ ପୁଣି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୧୭ ତାରିଖଠାରୁ ଅହୋରାତ୍ର ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି ।

ଚୋର ଧରିବାକୁ ଗାଁରେ ବୁଲିଲା ଖଟ

ବିଧବା ବୃଦ୍ଧାଙ୍କୁ ଚୋର ସଜାଇ ନିର୍ଦ୍ଦୟ ମାଡ

ନୟାଗଡ, ୧୦/୬ (ଆନିସ): ବିଜ୍ଞାନ ଓ ପ୍ରଯୁକ୍ତି ଯୁଗରେ ମଧ୍ୟ ନୟାଗଡ଼ ଜିଲ୍ଲାର କିଛି ଅଞ୍ଚଳରେ ଅନ୍ଧବିଶ୍ୱାସର ଶିକୁଳି ଏବେବି ଗଭୀର ଭାବେ ମଜବୁତ୍ ରହିଥିବା ଏକ ଚିନ୍ତାଜନକ ଘଟଣା ସାମ୍ନାକୁ ଆସିଛି। ଚୋରି ଘଟଣାର ତଦନ୍ତ ପାଇଁ ଆଇନ୍ ଓ ପୋଲିସ୍ ସହାୟତା ନେବା ପରିବର୍ତ୍ତେ ଗାଁରେ ଖଟ ବୁଲାଇବା, ନଖ ଦର୍ପଣ ଦେଖିବ। ଏବଂ ଗୁଣିଆଙ୍କ ସହାୟତାରେ ଚୋର ଚିହ୍ନଟ କରିବା ଭଳି ଅନ୍ଧବିଶ୍ୱାସୀ ପ୍ରଥା ଆପଣାଇ ଜଣେ ବିଧବା ବୃଦ୍ଧାଙ୍କୁ ଅପମାନିତ ଓ ନିର୍ଯାତିତ କରାଯାଇଥିବା ଅଭିଯୋଗ ହୋଇଛି।

ରଣପୁର ଥାନା ଅଧୀନସ୍ଥ ରାଜ ସୁନାଖଳା ଫାଣ୍ଡି ଅଞ୍ଚଳର କାସନ୍ଦା ପଞ୍ଚାୟତର ଜାମୁସାହି ଗାଁରେ ଏହି ଅଭାବନୀୟ ଘଟେ ଘଟିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଗାଁର ବିଭୂତି ଭୂଷଣ ପ୍ରଧାନଙ୍କ ଘରୁ ପ୍ରାୟ ୧୫ ଦିନ ତଳେ କିଛି ସୁନା ଅଳଙ୍କାର ଚୋରି ହୋଇଥିଲା। ଏହାପରେ ସନ୍ଦେହର ତୀର ଗାଁର ବିଧବା ବୃଦ୍ଧା କୁମା ବେୱାଙ୍କ ଉପରକୁ ଯାଇଥିଲା। ଗାଁ ସଭା ରେ କୁମା ବେୱାଙ୍କ ବିରୋଧରେ ଚୋରି ଅଭିଯୋଗ ଆଣାଯାଇଥିଲେ ମଧ୍ୟ ସେ ଏହାକୁ ଦୃଢ଼ ଭାବେ ଖଣ୍ଡନ କରିଥିଲେ। ତେବେ ଘଟଣାର ସତ୍ୟତା ଜାଣିବା ପାଇଁ କିଛି ଲୋକ ଗୁଣିଆଙ୍କୁ ଡାକି ଖଟ ବୁଲାଇବା ସହ ନଖ ଦର୍ପଣ ଦେଖି ଚୋର ଚିହ୍ନଟ କରିବାକୁ ଉଦ୍ୟମ କରିଥିଲେ। ଘଟଣାକ୍ରମେ ଏହି ପ୍ରକ୍ରିୟାରେ କୁମା ବେୱାଙ୍କୁ ଚୋର ବୋଲି ଦର୍ଶାଯାଇଥିବା ଅଭିଯୋଗ ହୋଇଛି।

ବୃଦ୍ଧାଙ୍କ ଅଭିଯୋଗ ଅନୁସାରେ, ତାଙ୍କୁ ବିନା ପ୍ରମାଣରେ ଚୋର ଆଖ୍ୟା ଦିଆଯିବା ସହ ବିଭୂତି ଭୂଷଣ ପ୍ରଧାନଙ୍କ ପରିବାରର କିଛି ସଦସ୍ୟ ତାଙ୍କୁ ମାଡ଼ ମାରିଥିଲେ। ଘଟଣା ପରେ ସେ ମାନସିକ ଓ ଶାରୀରିକ ଭାବେ ଅତ୍ୟନ

ଜିଲ୍ଲା କାରାଗାରର ମାନ୍ୟତା ପାଉନି ରାୟଗଡା ଉପ-କାରାଗାର

ରାୟଗଡା,୧୧।୬(ଆନିସ) ରାୟଗଡା ଠାରେ ଉପ-କାରାଗାର ସ୍ଥାପନା ହୋଇ ୭୬ ବର୍ଷ ଏବଂ ଏବଂ ରାୟଗଡା ଜିଲ୍ଲା ଗଠନ ହୋଇ ୩୪ ବର୍ଷ ହୋଇଗଲା କିନ୍ତୁ ସ୍ୱାଧୀନତା ପରେ ସ୍ଥାପନା ହୋଇଥିବା ଉପ-କାରାଗାର ଆଜି ପର୍ଯ୍ୟନ୍ତ ଜିଲ୍ଲା କାରାଗାରରେ ପରିଣତ ହୋଇପାରିଲା ନାହିଁ । ରାୟଗଡା ସ୍ଥିତ ଉପ-କାରାଗାରରେ ବିଭିନ୍ନ ଅପରାଧରେ ଲିପ୍ତ ବିଚାରାଧିନ କଏଦିଙ୍କ ପାଇଁ କ୍ଷମତା ୧୦୧ ରହିଥିବା ବେଳେ ବର୍ତମାନ ଏଠାରେ ୧୭୮ ଜଣ କଏଦି ରହୁଥିବା ସୂଚନାରୁ ଜଣାପଡିଛି । ଏପରିକି ବେଳେ ବେଳେ ଉପ-କାରାଗାରରେ କଏଦି ସଂଖ୍ୟା ୨୦୦ ଉପରକୁ ମଧ୍ୟ ପାର ହୋଇଯାଇଛି କିନ୍ତୁ ଏନେଇ ବିଭାଗିୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କାର୍ଯ୍ୟରତ କର୍ମଚାରୀଙ୍କୁ ମ୍ୟାନେଜ କରିବାକୁ କୁହାଯାଉଛି । କିଛି ବର୍ଷ ହେଲା ଉପ-କାରାଗାର ପରିସରରେ ଆଉ ୪୫ ଜଣ ବିଚାରାଧିନ କଏଦି ରିହିବା କ୍ଷମତାକୁ ବଢ଼ାଇ ୧୪୬ କରାଯାଇଥିବା ଜେଲ କର୍ତ୍ତୃପକ୍ଷ ସୂଚାନ ଦେଇଛନ୍ତି । କ୍ଷମତା ଠାରୁ ଅଧିକା ବିଚାରାଧିନ କଏଦି ରହୁଥିବାରୁ ଉପ-କାରାଗାରରେ ରହୁଥିବା କଏଦି ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି କିନ୍ତୁ ଏନେଇ ସମସ୍ତେ ଚୁପ । ବିଭିନ୍ନ କାରଣରୁ ବିଚାରାଧିନ କଏଦି ମାନଙ୍କୁ ଅନ୍ୟାନ୍ୟ ଜିଲ୍ଲାକୁ ମଧ୍ୟ ସ୍ଥାନାନ୍ତର କରାଯାଉଥିବା ଦେଖିବାକୁ ମିଳିଛି । ଏନେଇ ବରିଷ୍ଠ ଆଇନଜିବୀ ନବ କୁମାର କାଣ୍ଡା ଅଭିଯୋଗ କରି କହିଛନ୍ତି ବହୁ ଗରିବ ବିଚାରାଧିନ କଏଦି ଜିଲ୍ଲାର ଦୂରଦୂରାନ୍ତ ଅଞ୍ଚଳରୁ ବିଭିନ୍ନ ମାମଲାରେ ରାୟଗଡା ଉପ-କାରାଗାର ଅଣାଯାଉଥିବା ବେଳେ ବିଚାରାଧିନ କଏଦି ମାନଙ୍କୁ ଅନ୍ୟ ଜିଲ୍ଲାକୁ ପଠାଇବା ବେଳେ ସଂପର୍କିୟ ମାନେ ମିଶିବା ପାଇଁ ଅସୁବିଧା ହେଉଥିବା ବେଳେ ଅଭାସୀ ମାଧ୍ୟମରେ ବିଚାରାଧିନ କଏଦି ମାନେ ନିଜର ପକ୍ଷ ରଖିବାକୁ ବଞ୍ଚିତ ହେଉଛନ୍ତି । ଗରିବ ଲୋକ ମାନେ ଏଥିପାଇଁ ଖର୍ଚ୍ଚାନ୍ତ ମଧ୍ୟ ହେଉଥିବା ଶ୍ରୀ ନବ କାଣ୍ଡା ଅଭିଯୋଗ କରିଛନ୍ତି । ସଜା ପାଇଥିବା ଅପରାଧି ମାନଙ୍କୁ କୋରାପୁଟ ଜେଲ ପଠାଇବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ଏପରି କରାନଯାଇ ରାୟଗଡା ଉପ-କାରାଗାରର ବିଚାରାଧିନ କଏଦି ମାନଙ୍କୁ ଅନ୍ୟ ଜିଲ୍ଲାର ଜେଲକୁ ପଠାଯାଉଛି ଯେଉଁଥିପାଇଁ ବହୁ ଗରିବ ଲୋକ ହଇରାଣ ହରକତ ହେଉଛନ୍ତି ବୋଲି ଆଇନଜିବୀ ଶ୍ରୀ ନବ କାଣ୍ଡା କହିଛନ୍ତି । ଏଭଳି ପରିସ୍ଥିତିରେ ବିଚାରାଧିନ କଏଦିଙ୍କ ଅଧିକାର କ୍ଷୁର୍ଣ ହେଉଥିବା କୁହାଯାଉଛି । ଅପରପକ୍ଷରେ ରାୟଗଡା ଠାରେ ଜିଲ୍ଲା କାରାଗାର ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି ମିଳିପାରୁନଥିବା ଜେଲ କର୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି । ଗତ ୭/୮ ବର୍ଷରେ ସରକାରୀ ଆଇଟିଆଇ ଏବଂ ଜେକେପୁର ନିକଟରେ ଜିଲ୍ଲା କାରାଗାର ପାଇଁ ସ୍ଥାନ ନିରୁପଣ ହୋଇଥିଲା କିନ୍ତୁ ଜମି ଜେଲ କର୍ତୃପକ୍ଷଙ୍କ ନାମରେ ନହୋଇପାରିବା ଯୋଗୁଁ ଜିଲ୍ଲା କାରାଗାର ହୋଇପାରୁନାହିଁ । ରାୟଗଡା ଉପ-କାରାଗାର ବିଚାରାଧିନ କଏଦି କ୍ଷମତା ଠାରୁ ଅଧିକା ରହୁଥିବାରୁ କାଶିପୁର ଠାରେ ୧୩ ବର୍ଷ ତଳେ ଏକ ଉପ-କାରାଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସଂପୂର୍ଣ ହୋଇସାରିଥିଲେ ମଧ୍ୟ କୋଟି କୋଟି ଟଙ୍କାରେ ବ୍ୟୟରେ ନିର୍ମିତ ଏହି କାରାଗାରକୁ ସରକାର ବନ୍ଦ କରିଦେଇଛନ୍ତି ଫଳରେ କାଶିପୁର ବ୍ଲକର ବିଚାରାଧିନ କଏଦି ଏବଂ ସେମାନଙ୍କ ସଂପର୍କୟ ମାନେ ଅକଥନିୟ ସମସ୍ୟା ଭୋଗୁଥିବା ଅଭିଯୋଗ ବାରମ୍ବାର ହେଉଛି । ରାୟଗଡା ଉପ-କାରାଗାର ପାଇଁ ଜଣେ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଡାକ୍ତର ଷ୍ଟଡି ଲିଭରେ ଯାଇଥିବାରୁ ଏବେ ପାର୍ଟ ଟାଇମ ଡାକ୍ତର ବିଚାରାଧିନ କଏଦିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଜେଲ କର୍ତୃପକ୍ଷ ସୂଚନା ଦେଇଛନ୍ତି ।

ତହସିଲଦାରଙ୍କ ସହିତ ପ୍ରେସ କ୍ଲବ କର୍ମକର୍ତାଙ୍କ ସୌଜନ୍ୟ ମୂଳକ ସାକ୍ଷାତ,ରାଜସ୍ୱ ସାଥିରେ ଅଞ୍ଚଳର ବିକାଶ ମୋର ମୁଖ୍ୟ ଲକ୍ଷ୍ୟ

ଘୁ.ଉଦୟଗିରି,୧୧।୬ (ଆନିସ): ଘୁ.ଉଦୟଗିରି ପ୍ରେସ୍ କ୍ଲବ୍ ତରଫରୁ ବୁଧବାର ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ସହ ସମସ୍ତ ସଭ୍ୟଙ୍କ ଉପସ୍ଥିତରେ ତହସିଲଦାରଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଅଞ୍ଚଳର ବିକାଶ ଭିତରେ ମୁଖ୍ୟ ଟ୍ରାଫିକ ସମସ୍ୟା,ଅବକାର,ପରିବେଶ ସୌନ୍ଦର୍ଯ୍ୟ କରଣ,ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦେବା ସହ ସହରର ବିକାଶ ପାଇଁ ଗଣମାଧ୍ୟମ ଭୂମିକାର ସହଯୋଗ କାମନା କରିଥିଲେ। ଅଞ୍ଚଳର ବିକାଶ ସାଙ୍ଗକୁ ବିଭାଗର ଦୁର୍ନୀତିକୁ ମଧ୍ୟ ସିଧା ସଳଖ ଦୃଷ୍ଟି ଆକର୍ଷଣ କରିବାକୁ ଆହ୍ୱାନ କରିଥିଲେ । ଏହା ଦ୍ୱାରା ଚତୁର୍ଥ ସ୍ତମ୍ଭ ନିଜର ନିଷ୍ପାପର ଦାୟିତ୍ୱ ସମ୍ପନ୍ନ କରିପାରିବ ବୋଲି ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରସନ୍ନ କୁମାର ମିଶ୍ର,ସମ୍ପାଦକ ଅନିଲ ଦଳବେହେରା,ଉପଦେଷ୍ଟା ଦେବନାଥ ଦଳବେହେରା, ପତିତପାବନ ସାହୁ, କୋଷାଧକ୍ଷ ସଞ୍ଜୟ ମହାନ୍ତି, କାର୍ଯ୍ୟକାରୀ ସଭ୍ୟ ବଟକୃଷ୍ଣ ଦାଶ, ସଂଗଠନ ସମ୍ପାଦକ ଏନ ରାଜା ରାଓ,ପି ସଞ୍ଜୀବ କୁମାର ପାତ୍ର, ଦୁର୍ଗାମାଧବ ପଟ୍ଟନାୟକ, ଚନ୍ଦ୍ରଶେଖର ପାଢ଼ୀ,ନୀଳମାଧବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମାଲକାନଗିରି ଜିଲ୍ଲାର ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ମାଲକାନଗିରି, ୧୧।୬ (ଆନିସ): ମାଲକାନଗିରି ଜିଲ୍ଲାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଏବଂ ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରଗତି ସମୀକ୍ଷା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକ ଆରମ୍ଭରେ ସିଡିଏମ୍ ଓ ପିଏଚଓ ଡା. ନିହାର ରଞ୍ଜନ ପ୍ରହରାଜ ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ସାମଗ୍ରିକ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ଚାଲିଥିବା ଜାତୀୟ ଗୁଣବତ୍ତା ନିଶ୍ଚିତକରଣ କାର୍ଯ୍ୟକ୍ରମ ର ପ୍ରଗତି ସମୀକ୍ଷା କରିବା ସହ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରୋଗୀମାନଙ୍କୁ ଉନ୍ନତମାନର ସେବା ପ୍ରଦାନ, ପରିଷ୍ଠାର-ପରିଚ୍ଛନ୍ନତା, ରୋଗୀ ସନ୍ତୁଷ୍ଟି ଏବଂ ଗୁଣବତ୍ତା ମାନଦଣ୍ଡର ଅନୁପାଳନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଉନ୍ନୟନ କାର୍ଯ୍ୟଯୋଜନା, ନୂତନ ଭିତ୍ତିଭୂମି ନିର୍ମାଣ, ରୋଗୀ ସୁବିଧା ବୃଦ୍ଧି, ଚିକିତ୍ସା ଉପକରଣର ଉପଲବ୍ଧତା ଏବଂ ମାନବ ସମ୍ବଳ ସ୍ଥିତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ଓ ଉନ୍ନତି ପାଇଁ ଜିଲ୍ଲାପାଳ ଆବଶ୍ୟକ ପରାମର୍ଶ ଦେଇଥିଲେ।

ବୈଠକରେ ମାଲେରିଆ, କ୍ଷୟରୋଗ , ଅଣ-ସଂକ୍ରାମକ ରୋଗ , ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ , ମାତୃ ସ୍ୱାସ୍ଥ୍ୟ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସୂଚକର ସମୀକ୍ଷା କରାଯାଇଥିଲା। ଗର୍ଭବତୀ ମହିଳାଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସୁରକ୍ଷିତ ପ୍ରସବ, ଶିଶୁ ଟୀକାକରଣ, ରକ୍ତହୀନତା ନିୟନ୍ତ୍ରଣ ଏବଂ ଉଚ୍ଚ-ଝୁମ୍ପପୂର୍ଣ୍ଣ ମାତୃ ଓ ଶିଶୁଙ୍କ ଚିହ୍ନଟ ଓ ଅନୁଧ୍ୟାନ ଉପରେ ଗୁରୁତ୍ୱ ଦିଆଯାଇଥିଲା।

କ୍ଷୟରୋଗ ନିରାକରଣ କାର୍ଯ୍ୟକ୍ରମରେ ରୋଗୀ ଚିହ୍ନଟ, ଚିକିତ୍ସା ଓ ପୁଷ୍ଟିକର ସହାୟତା ସମ୍ପର୍କରେ ସମୀକ୍ଷା କରାଯାଇଥିବା ବେଳେ ମାଲେରିଆ ପ୍ରବଣ ଅଞ୍ଚଳଗୁଡ଼ିକରେ ସଚେତନତା, ପରୀକ୍ଷା ଓ ଚିକିତ୍ସା କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଏନସିଡି କାର୍ଯ୍ୟକ୍ରମ ଅଧୀନରେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ଅଣ-ସଂକ୍ରାମକ ରୋଗର ସ୍କ୍ରିନିଂ ଓ ଚିକିତ୍ସା ସେବାର ଅଗ୍ରଗତି ସମୀକ୍ଷା କରାଯାଇଥିଲା।

ଆସନ୍ତା ଡାଏରିଆ ନିୟନ୍ତ୍ରଣ ମାସ ପାଳନ ପାଇଁ ସମସ୍ତ ପ୍ରସ୍ତୁତି, ଓଆରଏସ୍ ଓ ଜିଙ୍କ ବଣ୍ଟନ, ସଚେତନତା କାର୍ଯ୍ୟକ୍ରମ ଏବଂ ଗ୍ରାମାଞ୍ଚଳରେ ବ୍ୟାପକ ପ୍ରଚାର-ପ୍ରସାର ଉପରେ ଆଲୋଚନା ହୋଇଥିଲା।। ସେହିପରି ପଲ୍ସ ପୋଲିଓ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା।

ବୈଠକରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନର ପ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ଯୋଗ୍ୟ ହିତାଧିକାରୀମାନଙ୍କ ନିକଟରେ କାର୍ଡ ପହଞ୍ଚାଇବା ଏବଂ ଯୋଜନାର ସର୍ବାଧିକ ସୁବିଧା ଲୋକଙ୍କୁ ଉପଲବ୍ଧ କରାଇବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ସିଡିଏମ୍ ଓ ପିଏଚଓ ଡା. ପ୍ରହରାଜ, ଏଡିପିଏଚଓ ଡା. ମିନତୀ ମହାନ୍ତି, ଡିପିଏଚଓ ଡା. ଆବିଦ ହୁସେନ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ , ସମସ୍ତ ମେଡିକାଲ ଅଫିସର, କାର୍ଯ୍ୟକ୍ରମ ଅଧିକାରୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଶେଷରେ ଡା. ମୌସୁମୀ ମିଶ୍ର ଧନ୍ୟବାଦ ଅର୍ପଣ କରି ସମସ୍ତ ଅଧିକାରୀ, ମେଡିକାଲ ଅଫିସର ଓ କର୍ମଚାରୀଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

ଦିନ ଦ୍ୱିପହରରେ ତୁଲାଗାଁରୁ ଚୋରି

ନର୍ଲା,୧୧/୬(ଆନିସ) ଦିନ ଦ୍ୱିପହରରେ ଏକ ଚୋରି ଅଭିଯୋଗ ଆସିଛି କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ନିକଟସ୍ଥ ତୁଲାଗାଁରୋସୂଚନା ଅନୁସାରେ ବୁଧବାର ଦିନ ୧୨ ଟା ସମୟରେ ତୁଲାଗାଁର କୈଳାସ ବୁଦ୍ଧିଆଙ୍କ ଘରେ ପଶି ତିନିଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଆଲମାରିରୁ ଚାରି ଲକ୍ଷ ଟଙ୍କା ଓ ତିନି ତୋଳାରୁ ଅଧିକ ସୁନା ଗହଣା ଚୋରି କରି ନେଇଥିବା ଅଭିଯୋଗ ହୋଇଛି ।ଘର ମାଲିକ ଏଥିପାଇଁ ଏକ ଲିଖିତ ଅଭିଯୋଗ ନର୍ଲା ଥାନାରେ କରିଛନ୍ତି।କିଛି ଦିନ ହେଲା ନର୍ଲା ଅଞ୍ଚଳରେ ଚୋରି, ଡକାୟତି, ରାହାଜାନି ବୃଦ୍ଧି ପାଉଥିବା ବେଳେ କିଛି ଦିନ ତଳେ ନର୍ଲା ମାଣ୍ଡେଲ ରାସ୍ତାର ଯାଦବ ଭବନ ନିକଟରେ ଦିନ ଦ୍ୱିପହରରେ ଡକାୟତ ମାନେ ଜଣେ ବ୍ୟବସାୟୀଙ୍କ ଟଙ୍କା ଲୁଟ୍? କରିଥିବା ଅଭିଯୋଗ ହୋଇଥିଲା।

ପୋଲିସ କାଁ ଭାଁ କିଛି ଚୋରଙ୍କୁ ଧରିବାରେ ସଫଳ ହେଉଥିଲେ ମଧ୍ୟ ଅଧିକାଂଶ ଚୋରି ଉପରୁ ପରଦା ଉଠାଇବାରେ ପୋଲିସକୁ ସଜାଗ ହେବାକୁ ପଡିବ।ସେଥିପାଇଁ ନର୍ଲା ପୋଲିସକୁ ପେଟ୍ରୋଲିଙ୍ଗ ବ୍ୟବସ୍ଥାକୁ କଡାକଡି କରିବା ମଧ୍ୟ ଜରୁରୀ ହୋଇ ପଡିଛି।

ଘୁଟନା ଗ୍ରାମର ଅଙ୍ଗନବାଡି କେନ୍ଦ୍ର ଉଦଘାଟିତ

ବିଷମ କଟକ,୧୧।୬ (ଆନିସ):ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଉପାନ୍ତ ଅଞ୍ଚଳ ର ରାସକୋଲା ପଞ୍ଚାୟତ ଅନ୍ତର୍ଗତ ଘୁଟନା ଗ୍ରାମ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ରେ ଅନୁମୋଦିତ ହୋଇଥିବା ଅଙ୍ଗନୱାଡି ପ୍ରକଳ୍ପ ଟି ଆଜି ସମ୍ପୂର୍ଣ ହୋଇପାରିଥିବା ଜଣାପଡିଛି ।

ଏହି ଅବସରରେ ବିଷମକଟକ ବିଡିଓ ଶିବ ପଟନାୟକ, ସିଡିପିଓ ସାଗାନିକା ସାହୁ, ଅତିରିକ୍ତ ସହକାରୀ ଯନ୍ତ୍ରୀ ରମେଶ ସାହୁ, ଯନ୍ତ୍ରୀ ସାଗର ଗୌଡ଼ ସରପଞ୍ଚ ରିତା ବ୍ରେଡ଼େକା, ଏବଂ ଅନ୍ୟାନ୍ୟ ପଞ୍ଚାୟତ ପ୍ରତିନିଧି ଙ୍କ ଉପସ୍ଥିତି ରେ ଏହାର ଶୁଭ ଉଦ୍ଘଘାଟନ କରାଯାଇଛି ।

ବିଷମକଟକ ବ୍ଲକ ଅନ୍ତର୍ଗତ ରାସକୋଲା ଗ୍ରାମ ପଞ୍ଚାୟତ ଟି ବ୍ଲକ ର ଦୁର୍ଗମ ଅଞ୍ଚଳ ଭାବେ ପରିଗଣିତ ପଡୋଶୀ ଗୁଡାରି ଏବଂ ଚନ୍ଦ୍ରପୁର ବ୍ଲକ ର ସୀମା ବର୍ତ୍ତୀ ଅଞ୍ଚଳ ସହ ଭୌଗଳିକ ଦୃଷ୍ଟି କୋଣ ରୁ ମଧ୍ୟ ଏହି ଅଞ୍ଚଳ ଅପହଞ୍ଚ ହୋଇଥିବାରୁ ଏଠାରେ ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ପ୍ରକଳ୍ପ କାମ ସମ୍ପୂର୍ଣ କରିବାର ସମ୍ପୂର୍ଣ ଶ୍ରେୟ ଯନ୍ତ୍ରୀ ସାଗର ଗୌଡ଼ଙ୍କୁ ଯାଏ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି ।

ଏଠାକାର ଭୌଗଳିକ ଦୃଷ୍ଟି କୋଣ ତଥା ମହିଳା ଓ ଶିଶୁ ଙ୍କ ଆବଶ୍ୟକତା ଦୃଷ୍ଟି ରୁ ଏହି କେନ୍ଦ୍ର ର ଆବଶ୍ୟକତା ନିତାନ୍ତ ଜରୁରୀ ହୋଇଛି ।

ତେବେ ଦୀର୍ଘ ବର୍ଷ ଧରି ପଡି ରହିଥିବା ଅଙ୍ଗନବାଡି କେନ୍ଦ୍ର ଟି ବିଡିଓଙ୍କ ଦୃଢ଼ ଇଚ୍ଛା ଶକ୍ତି ପାଇଁ ପରିଶେଷରେ ସମ୍ପୂର୍ଣ ହୋଇପାରିଥିବା ହେତୁ ଏଥି ପାଇଁ ସ୍ଥାନୀୟ ଲୋକେ ବିଡ଼ିଓ ଙ୍କୁ ଭୁରି ଭୁରି ପ୍ରଶଂସା କରୁଥିବା ବେଳେ, ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେବା ଦ୍ୱାରା ଘୁଟନା ସମେତ ଆଖ ପାଖ ଅଞ୍ଚଳ ର ଛଅ ବର୍ଷ ରୁ କମ ପ୍ରାୟ ୬୧ ରୁ ଅଧିକ ଜଣ ଶିଶୁ ଓ ମହିଳା ଏହାର ଲାଭ ପାଇ ପାରିବେ ବୋଲି ନାଏବ ସରପଞ୍ଚ ତଥା ୱାର୍ଡ ସଭ୍ୟ ପାଗୁ ମାମଲାକା ପ୍ରକାଶ କରିଛନ୍ତି । ପୂର୍ବରୁ ସମାନ ପଞ୍ଚାୟତ ମଧ୍ୟରେ ଦୀର୍ଘ ଆଠ ବର୍ଷ ହେବ ଅସମ୍ପୂର୍ଣ ହୋଇ ପଡିରହିଥିବା ଏକ ପ୍ରକଳ୍ପ କୁ ରେକର୍ଡ ନଅ ଦିନ ମଧ୍ୟରେ ସମ୍ପୂର୍ଣ କରିବାରେ ସମ୍ପୃକ୍ତ ବିଡିଓ ଏବଂ ତାଙ୍କ ବୈଷୟିକ ଦଳ ସଫଳତା ହାସଲ କରିଛନ୍ତି । ଯାହାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ବ୍ୟାପି ଏକ କାଳୀନ ଭରତୁଆଲ ମୋଡ଼ ରେ ଶୁଭ ଉଦଘାଟନ କରିଥିଲେ ।

ଡ୍ରାଇଭର ସଙ୍ଘ ର ୬ ଦଫା ଦାବି, ସାମାଜିକ ସୁରକ୍ଷା ଓ କଲ୍ୟାଣ ପାଇଁ ସରକାରଙ୍କୁ ଦାବି ପତ୍ର ପ୍ରଦାନ



ଜୟପୁର,୧୧।୬ (ଆନିସ): ଓଡ଼ିଶାର ବୃତ୍ତିଗତ ଡ୍ରାଇଭରମାନଙ୍କ ସୁରକ୍ଷା, ସାମାଜିକ ସୁରକ୍ଷା ଏବଂ କଲ୍ୟାଣ ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ ୬ ଦଫା ଦାବି ନେଇ ଡ୍ରାଇଭର ସଙ୍ଘ ଜିଲ୍ଲାପାଳ, ଏସପି ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱାର୍କର୍ସ ଓ୍ୱେଲଫେୟାର ବୋର୍ଡ଼ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଇଛି।

ସଂଗଠନର ଦାବି ଅନୁଯାୟୀ, ସମସ୍ତ ବୃତ୍ତିଗତ ଡ୍ରାଇଭରଙ୍କୁ ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱାର୍କର୍ସ ଓ୍ୱେଲଫେୟାର ବୋର୍ଡରେ ସାମିଲ କରାଯିବା ସହିତ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯିବା । ଏହାଛଡ଼ା ୬୦ ବର୍ଷ ବୟସ ପରେ ବୃତ୍ତିଗତ ଡ୍ରାଇଭରମାନଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା, ପ୍ରତି ୧୦୦ କିଲୋମିଟର ଅନ୍ତରରେ ପାର୍କିଂ, ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା କରିବା, ରାଜ୍ୟର ଖଣି ଓ କାରଖାନା ଗୁଡିକରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭରଙ୍କୁ ନିଯୁକ୍ତିରେ ପ୍ରାଥମିକତା ଦେବା। ଏବଂ ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ଭାବେ ଘୋଷଣା କରିବାକୁ ଦାବି କରାଯାଇଛି। ଏହି ଦାବି ପତ୍ର ପ୍ରଦାନ ସମୟ ରେ ଡ୍ରାଇଭର ସଙ୍ଘ ର ସଦସ୍ୟ ରାମ କୃଷ୍ଣ ମିଶ୍ର,କାଳୀ ପଟ୍ଟନାୟକ ଙ୍କ ସମେତ ଅନ୍ୟାନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲା, ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ପ୍ରଦର୍ଶନୀ ମେଳା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ

ଛତ୍ରପୁର, ୧୧।୬ (ଆନିସ): ଓଡ଼ିଶା ସରକାରଙ୍କ ଦୁଇବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉପଲକ୍ଷେ ଗଞ୍ଜାମ ଜିଲ୍ଲାରେ ଜିଲ୍ଲା, ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ପ୍ରଦର୍ଶନୀ ମେଳା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏନେଇ ଆଜି ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ଼ି. କୀର୍ତ୍ତି ୱାସନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଜିଲ୍ଲାସ୍ତରରେ ଓ ବ୍ଲକ ଏବଂ

ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀ ପାଳନ କଲେ ଗ୍ରୀଷ୍ମ ସାହିତ୍ୟ ଉତ୍ସବ

ପୁରୀ, ୧୧।୬ (ଆନିସ): ପୁରୀ ଜିଲ୍ଲାର ସମସ୍ତ ବାଳାଶ୍ରମର ଅନ୍ତେବାସୀଙ୍କୁ ନେଇ ଅଙ୍କୁର ସଂଯୋଗ ଗ୍ରୀଷ୍ମ ସାହିତ୍ୟ ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ଆୟୋଜିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଗ୍ରୀଷ୍ମ ଅବକାଶ ଅବସରରେ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମନୋନିବେଶ କରାଯାଉଛି। ଅଙ୍କୁର ସଂଯୋଗ ଗ୍ରୀଷ୍ମ ସାହିତ୍ୟ ଉତ୍ସବ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ। ସଂଯୋଗ, କଟକ ଓ ଅଙ୍କୁର ଫାଉଣ୍ଡେସନ ଭୁବନେଶ୍ୱରଙ୍କ ସହିତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ପ୍ରୟାସରେ ଏହା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ସନ୍ତୋଷ କୁମାର ସେଠୀ ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୋଗ ଦେଇଥିବା ବେଳେ ଡେପୁଟି କଲେକ୍ଟର ସୌମ୍ୟଶ୍ରୀ ପାଣିଗ୍ରାହୀ, ମହାବୀର ରୁଦ୍ର ନାରାୟଣ ସାହୁ ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସଂଯୋଗର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ, ଅଙ୍କୁର ଫାଉଣ୍ଡେସନ ପ୍ରତିଷ୍ଠାତା ଚିନ୍ମୟୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମିଳିତ ପ୍ରୟାସ ରୂପେ ଏହି କାର୍ଯ୍ୟକ୍ରମର ୧୫ ଦିନ ପୂର୍ବରୁ ଶିଶୁମାନଙ୍କୁ ପିଲାଙ୍କ ଅଙ୍କୁର ପତ୍ରିକା ବଣ୍ଟନ କରାଯାଇଥିଲା। ପିଲାମାନେ ଏହି ପୁସ୍ତକ ପଠନ କରି କବିତା ଆବୃତ୍ତି, ଗଳ୍ପ କଥନ, କୁଇଜ, ବହିରୁ ଶିକ୍ଷା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋଟ ୬୦ ଜଣ ଶିଶୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୀଳାଚଳ ସେବା ପ୍ରତିଷ୍ଠାନର ଶିଶୁମାନେ ସବୁଠାରୁ ଉତ୍ତମ ପ୍ରଦର୍ଶନ କରିଥିବା ବେଳେ ସେହି ସଂସ୍ଥାର ସମ୍ପୃକ୍ତ କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ତମ ମାର୍ଗଦର୍ଶକ ଭାବେ ସମ୍ମାନିତ କରାଯାଇଥିଲା। ମୋଟ ୨୪ ଜଣ ଉତ୍ତିନ୍ନ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ମାନଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା, ଗଳ୍ପ କଥନ, କବିତା ଆବୃତ୍ତି ଓ ବକ୍ତୃତା ଆଦିରେ ଦକ୍ଷତା ବୃଦ୍ଧି ପାଇଁ ଅବସର ସମୟର ବିନିଯୋଗ ପାଇଁ ପ୍ରୟାସ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ବିଚାରକ ଭାବରେ ଶକ୍ତିପଦ ମିଶ୍ର, ବିଜୟଲକ୍ଷ୍ମୀ ମହାନ୍ତି, ରୁପାଲି ମହାନ୍ତି, ସ୍ମିଗ୍ଧାରାଣୀ ସାହୁ, କମଳା ମହାରଣା ଯୋଗ ଦେଇଥିଲେ। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ସାରଙ୍ଗ ମହାପାତ୍ର ଅଧିକ୍ଷକ, ଉତ୍କଳ ବାଳାଶ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଗତି ଚିନ୍ତନ ପରିଷଦ ପକ୍ଷରୁ ଆଲୋଚନା ଚକ୍ର

ଫୁଲବାଣୀ, ୧୧।୬ (ଆନିସ): ଫୁଲବାଣୀ ଠାରେ ପ୍ରଗତି ଚିନ୍ତନ ପରିଷଦ ପକ୍ଷରୁ ପ୍ରଶାସନ ଓ ପବ୍ଲିକ ସମ୍ପର୍କ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ପରିଷଦର ସଭାପତି ଡ. ଦିଲୀପ କୁମାର ସାହାଣୀ (ଅବସର ପ୍ରାପ୍ତ ପୋଲିସ ଅଫିସର) ଯୋଗଦେଇ ପ୍ରଶାସନ ଲୋକାଭିମୁଖୀ ହେବା ଆବଶ୍ୟକ ଏବଂ ବରିଷ୍ଠ ନାଗରିକ ସମ୍ମାନ ପାଇବା ଉଚିତ । ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ସରକାରି କାର୍ଯ୍ୟାଳୟ ରେ ନ୍ୟାୟ ଓ ସମ୍ମାନ ପାଉନଥିବା ପରଲକ୍ଷିତ ହେଉଛି । ଗରିବ ଅସହାୟ ଙ୍କ କଥା କେହି ଶୁଣୁ ନାହାନ୍ତି । ଅଳ୍ପ କେତେକ ଅଫିସର ଙ୍କୁ ବାଦ ଦେଲେ ଅଧିକାଂଶ ପଦାଧିକାରୀ ଜନ ସାଧାରଣ ଙ୍କୁ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ । ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବରିଷ୍ଠ ନାଗରିକ ମାନେ ପ୍ରଶାସନିକ କ୍ଷେତ୍ରରେ ଆପଡ଼ି ଅଭିଯୋଗ ର ସମାଧାନ ପାଇଁ ଆସୁଥିବା ବେଳେ ସମ୍ମାନ ଓ ସହାନୁଭୂତି ପାଇବା ଆବଶ୍ୟକ । ବ୍ୟାଙ୍କ ରେ, ଡାକ୍ତର ଖାନାରେ,ରେଳ କାଉଣ୍ଟର ରେ ଉତ୍ତମ ବ୍ୟବହାର ମିଳୁନାହିଁ ବୋଲି ବରିଷ୍ଠ ନାଗରିକ ବି ଭି ମୁର୍ତ୍ତି କହିଥିଲେ । ବରିଷ୍ଠ ନାଗରିକ ସଂଘର ସଭାପତି ସର୍ବେଶ୍ୱର ମିଶ୍ର ପ୍ରଶାସନ ଡାକ୍ତର ଖାନା ଓ ଅନ୍ୟାନ୍ୟ ଦଫତର ରେ ସାଧାରଣ ଲୋକେ ଦୁର୍ନୀତି ଲୋକଙ୍କର ଶିକାର ଶିକାର ହେଉଛନ୍ତି । ଡାକ୍ତର ଖାନାର ଅବ୍ୟବସ୍ଥା କୁ ବ୍ୟବସ୍ଥିତ କରିବାକୁ ବାରମ୍ବାର ଦାବି କଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ଶ୍ରୀ ମିଶ୍ର କହିଥିଲେ । ପ୍ରାକ୍ତନ ଅଧ୍ୟାପକ ରାଜ କିଶୋର ବେହେରା କହିଲେ ଯେ ଆର ଆଇ ଅଫିସ ଠାରୁ ତହସିଲରେ ହାତଗୁଣ୍ଡା ନ ଦେଲେ କାମ ହେଉନାହିଁ । ବରିଷ୍ଠ ନାଗରିକର ମୁହଁକୁ ଚାହୁଁ ନାହାନ୍ତି ଅଫିସର। ବରିଷ୍ଠ ସାମ୍ବାଦିକ ଫିଲ ମୋହନ ନାୟକ କହିଲେ ସରକାରି କର୍ମଚାରୀ ଓ ଲୋକଙ୍କ ମଧ୍ୟରେ ସୌହାର୍ଦ୍ୟ ପୁର୍ଣ ସମ୍ପର୍କ ରହିବା ପାଇଁ ପ୍ରୟାସ ହେବାର ଜରୁରୀ । ସମ୍ମାନ ଓ ନ୍ୟାୟ ପାଇବା ନାଗରିକଙ୍କ ଅଧିକାର । ବରିଷ୍ଠ ସରକାରି ଓକିଲ ଅଶୋକ ବେହେରା ମତ ରଖି କହିଲେ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ସମସ୍ତେ ନ୍ୟାୟ ପାଇବା ଉଚିତ । ଗରିବ ଲୋକ ବିଭିନ୍ନ ଆଇନଗତ ସଂସ୍ଥାରେ ନ୍ୟାୟ ପାଇବା ନେଇ କଷ୍ଟସାଧ୍ୟ ହେଉଛି । କ୍ଷମତାରେ ଥିବାଲୋକ ବା ପ୍ରଶାସନିକ ଅଧିକାରୀ ଙ୍କର କୋମଳ ମନୋଭାବ ପ୍ରଦର୍ଶନ କରିବା ବିଧେୟ । । ଜିଲ୍ଲା ପାଳ, ଅତିରିକ୍ତ ଜିଲ୍ଲାପାଳଓ ଉପଜିଲ୍ଲାପାଳ ଓ ପି ଡି ଙ୍କୁ ବାଦ ଦେଲେ ପ୍ରଶାସନ ରେ ଥିବା ପଦାଧିକାରୀ ହାରିଗୁହାରି ଶୁଣୁ ନାହାନ୍ତି । ମେଡିକାଲ କଲେଜ ର ଅବ୍ୟବସ୍ଥା ରେ ସୁଧାର ଆସୁନାହିଁ, ଡାକ୍ତର ମାନେ ଚାରିଦିନ ଫୁଲବାଣୀରେ ଓ ତିନିଦିନ ବ୍ରହ୍ମପୁର ରେ ରହୁଛନ୍ତି ଓ କ୍ଲିନିକ ଆଟେଣ୍ଡ କରୁଛନ୍ତି । ସିଟି ସ୍କାନ କୁ ବାଦ ଦେଲେ ଇଣ୍ଡୋସ୍କୋପି ଯନ୍ତ୍ର ବ୍ୟବହାର ଓ ଲାରିଚାଳନା ଲୋକେ ନାହିଁ । ଡାକ୍ତର ଖାନାରେ ଭୋଲ୍ଟେଜ ରହୁ ନାହିଁ, ଶିଶୁୱାର୍ଡ ଓ ମେଡିସନ ୱାର୍ଡରେ ଏସି ଚାଲୁନାହିଁ । ଶବ ରଖିବା ଗୃହରେ ଆଇସ ଚେପ୍ଟର ଅଚଳ । ରୋଗୀ ଭଲ ନ ହେଉଣୁ ତିନିଦିନ ହେଲା ଡୁ ପଲା କହୁଛନ୍ତି । ପାଥୋଲୋଜି ରିପୋର୍ଟ ତ୍ରୁଟିପୂର୍ଣ ହେଉଛି । ରକ୍ତ ପରୀକ୍ଷା ନ କରି ରିପୋର୍ଟ ଦେଉଛନ୍ତି । ଡେଙ୍ଗୁ ନ ଥାଇ ଡେଙ୍ଗୁ ଅଛି କହୁଛନ୍ତି । ହାତଗୋଡ଼ ଭାଙ୍ଗିଲେ ବ୍ରହ୍ମ ପୁର ଓ କଟକ ପଠାଉଛନ୍ତି । ଗର୍ଭବତୀ ମହିଳା ଙ୍କୁ ବାହାରକୁ ରେଫେର ହେଉଛି । ଶିଳ୍ପ ବିହୀନ ଜିଲ୍ଲାରେ ହଜାର ହଜାର ଗରିବ ଲୋକେ ଖଲି ପତ୍ର ଓ ଲଘୁ ବନଯାତ ଦ୍ରବ୍ୟ ବିକ୍ରି କରି ଚଳୁଥିବା ଲୋକ ଙ୍କ ମାଲବାଣିଜ୍ୟ ସଂସ୍ଥା କୁ ପୁନଃ କାର୍ଯ୍ୟକ୍ଷମ କରାଯାଉ ନାହିଁ । ଶୀତଳ ଭଣ୍ଡାର ର ପୁନଃ ପ୍ରତିଷ୍ଠା, କେ କେ ଡି ଏ କୁ ଲୋକାଭିମୁଖୀ ଓ ଆଦିବାସୀ କୁଟିଆ ଙ୍କ ଉନ୍ନତି ର ଉଦ୍ୟମ ହେବା ଆବଶ୍ୟକ ହେବା ଉଚିତ ବୋଲି ବରିଷ୍ଠ ସାମ୍ବାଦିକ ମତବ୍ୟକ୍ତ କରିଥିଲେ । ଜିଲ୍ଲା ପାଳ ବେଦ ଭୂଷଣ ଚାଲି ଚାଲି ବୁଲି ଲୋକଙ୍କ ସମସ୍ୟା ବୁଝୁଥିବାବେଳ ଓ ଉନୟନ ସମୀକ୍ଷା କରୁଥିବା ବେଳେ ଅନ୍ୟାନ୍ୟ ପଦାଧିକାରୀ ଆଂଶିକ କ୍ଷେତ୍ର ପରିଦର୍ଶନ କରୁଥିବାରୁ ଶିକ୍ଷା ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା ଘାଟର ଉନ୍ନତି ହୋଇପାରୁନାହିଁ ବୋଲି ସନ୍ତୋଷ କୁମାର ଡିଗଲ କ୍ଷୋଭ ପ୍ରକାଶ କରିଥିଲେ । ବରିଷ୍ଠ ଓକିଲ ବ୍ରଜ ପଟ୍ଟନାୟକ କହିଲେ ଯେ ପ୍ରଶାସନ ବିଗତ ଛ ବର୍ଷ ତଳେ ସ୍ଥାଣୁ ଓ ଦୁର୍ନୀତିଗ୍ରସ୍ତ ହୋଇଥିଲା । ମୁଷ୍ଟିମେୟ ଲୋକେ ଜମି ହଡପ କଲେ । କୃଷି ଜମି ଓ ଗବେଷଣା ଜମି ବ୍ୟବସାୟୀ ଙ୍କୁ ବାଣ୍ଟିଲେ । ସାଧାରଣ ଲୋକେ ନ୍ୟାୟ ପାଇଲେ ନାହିଁ ବୋଲି କହିଥିଲେ ।

ଓଏସ ପରୀକ୍ଷାରେ ୯୯ତମ ସ୍ଥାନ ହାସଲ କରି ଯାଜପୁରର ଗୌରବ ବଢ଼ାଇଲେ ଅନ୍ୱେଷା ରାଉତ

ବିଂଝାରପୁର ୧୧।୬(ଆନିସ): ଯାଜପୁର ଜିଲ୍ଲା ପାଇଁ ଆସିଛି ଗର୍ବ ଓ ଗୌରବର ଖବର। ବିଂଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତର ଗୋପାଳପୁର ଗ୍ରାମର ମେଧାବୀ ଛାତ୍ରୀ ଅନ୍ୱେଷା ରାଉତ ଓ ଏସ ପରୀକ୍ଷାରେ ୯୯ତମ ସ୍ଥାନ ହାସଲ କରି ନିଜ ଅଞ୍ଚଳ ସହ ସମଗ୍ର ଜିଲ୍ଲାର ନାମକୁ ଉଜ୍ଜ୍ୱଳ କରିଛନ୍ତି। ତାଙ୍କର ଏହି ସଫଳତା ପଛରେ ରହିଛି ଅକ୍ଲାନ୍ତ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଓ ପରିବାରର ନିରନ୍ତର ପ୍ରେରଣା।। ଅନ୍ୱେଷା ରାଉତଙ୍କ ବାପା ଲଳିତ ରାଉତ ଏବଂ ମା' ସୁପ୍ରଭା ପରିଡା, ଯିଏକି ଯାଜପୁର ଜିଲ୍ଲା ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ପରିବାରର ଶିକ୍ଷାମୂଳକ ପରିବେଶ ଓ ମୂଲ୍ୟବୋଧ ତାଙ୍କୁ ସଫଳତାର ପଥରେ ଆଗେଇ ନେବାରେ ବିଶେଷ ସହାୟକ

ହୋଇଛି। ଅନ୍ୱେଷାଙ୍କ ଶିକ୍ଷା ଯାତ୍ରାରେ ତାଙ୍କ ମାଉସୀ ସୁରଭି ପରିଡା, ଯିଏ ଓଳେଇ ଚନ୍ଦନପୁର ହାଇସ୍କୁଲର ଶିକ୍ଷୟିତ୍ରୀ, ଏବଂ ମଉସା ରତିକାନ୍ତ ସାମଲ, ଯିଏ ନନ୍ଦରଜା ହାଇସ୍କୁଲ, ତାଳୁକପଡା ପ୍ରଧାନଶିକ୍ଷକ, ମଧ୍ୟ ତାଙ୍କୁ ସମୟ ସମୟରେ ଉତ୍ସାହିତ ଓ ମାର୍ଗଦର୍ଶନ କରିଆସିଛନ୍ତି। ନିଜ ସଫଳତାର ଶ୍ରେୟ ଦେଇ ଅନ୍ୱେଷା କହିଛନ୍ତି ଯେ, ଏହି କୃତିତ୍ୱ କେବଳ ତାଙ୍କର ନୁହେଁ, ବରଂ ତାଙ୍କ ପିତାମାତା, ଗୁରୁଜନ ଓ ପରିବାର ସଦସ୍ୟଙ୍କ ଆଶୀର୍ବାଦର ଫଳ। ସେ ସର୍ବପ୍ରଥମେ ପ୍ରଭୁ ଜଗନ୍ନାଥଙ୍କୁ ଏହି ସଫଳତାର ଶ୍ରେୟ ଅର୍ପଣ କରିଛନ୍ତି। କଠିନ ପରିଶ୍ରମ, ନିୟମିତ ଅଧ୍ୟୟନ ଓ ଆତ୍ମବିଶ୍ୱାସ ହିଁ ତାଙ୍କ ସଫଳତାର ମୂଳମନ୍ତ୍ର ବୋଲି ସେ ପ୍ରକାଶ କରିଛନ୍ତି।

ଅନ୍ୱେଷାଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଗୋପାଳପୁର ଗ୍ରାମ, ଅରେଇ ପଞ୍ଚାୟତ ଏବଂ ସମଗ୍ର ବିଂଝାରପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ତାଙ୍କର ଏହି ସଫଳତା ଆଗାମୀ ପିଢ଼ିର ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣାଦାୟୀ ଉଦାହରଣ ସାଜିଛି।

ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସକୁ ନେଇ ମାମଲା ଦାଏର ନିଷ୍ପତ୍ତି

ଫୁଲବାଣୀ, ୧୧।୬ (ଆନିସ): ଫୁଲବାଣୀ ସହର ରେ ମ୍ୟୁନିସିପାଲିଟି ପକ୍ଷରୁ ଲୋକଙ୍କ ଘର ଉପରେ ମନ ଇଚ୍ଛା ହୋଲ୍ଡିଙ୍ଗ ଟ୍ୟାକ୍ସ ବଢାଇଥିବରୁ ଏହାକୁ ନେଇ ମିଳିତ ନାଗରିକ କମିଟି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବର୍ଦ୍ଧିତ ହୋଲଡିଂ ଟ୍ୟାକ୍ସ ର ପୁନଃ ବିଚାର ପାଇଁ କମିଟି ପକ୍ଷରୁ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ମ୍ୟୁନିସିପାଲିଟି ଅଧ୍ୟକ୍ଷ, କାଉନସିଲର, ଜିଲା.ପାଳ, ଉପଜିଲ୍ଲା.ପାଳ , ମ୍ୟୁନିସପାଲିଟି ନିର୍ବାହୀ ଅଧିକାରୀ ପ୍ରମୁଖ ଙ୍କ ସହ ବୈଠକ କରାଯିବା ସହ ମୁଖ୍ୟ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ପ୍ରମୁଖ ଙ୍କୁ ଦାବୀ ପତ୍ର ପ୍ରଦାନ କରଯାଇଥିଲେ ବି କୌଣସି ସୁଫଳ

ମିଳିନଥିଲା ବୋଲି ବୁଧବାର ସ୍ଥାନୀୟ ବନାନୀ କଳା ସଙ୍ଗମ ଠାରେ ଅନୁଷ୍ଠିତ ବୈଠକ ରେ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟ କାରୀ ସଭାପତି ନବ କୁଷ୍ଣ ରଥ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଉପସ୍ଥିତ ସଦସ୍ୟ ମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ଅତିଶିଘ୍ର ବର୍ଦ୍ଧିତ ହୋଲ୍ଡିଙ୍ଗ ଟ୍ୟାକ୍ସ ର ପୁନଃ ବିଚାର ପାଇଁ ହାଇକୋର୍ଟ ରେ ମାମଲା ରୁଜୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ସେହିପରି ଗୋପାଲ ପୁର – ରେଡ଼ାଖୋଲ ରେଳ ପ୍ରକଳ୍ପ ର ରିଭାଇଜଡ ଡି ପି ଆର୍ ଦାଖଲ ହୋଇଥିଲେ ମଧ୍ୟ ଜାଣି ଶୁଣି ଅନୁମୋଦନ ରେ ବିଳମ୍ବ କରା ଯାଉଥିବା ଅଭିଯୋଗ କରିଥିଲେ ଉପସ୍ଥିତ ସଦସ୍ୟମାନେ ଏହାବ୍ୟତୀତ ଚରିଛକ ରୁ ଫୁଲବାଣୀ ଯାଏ ରେଳ ଲିଙ୍କ ଶିଘ୍ର ଦେବା ପାଇଁ ମଧ୍ୟ ଦାବୀ କରାଯାଇଥିଲା ଏ ନେଇ ପ୍ରଧାନ ମନ୍ତ୍ରୀ,ରାଷ୍ଟ୍ରପତି, ରେଳ ମନ୍ତ୍ରୀ, ରେଳ ବାଇ ବରିଷ୍ଠ ଅଧିକାରୀ ଙ୍କୁ ଦାବୀ ପତ୍ର ପ୍ରଦାନ କରିବା ପାଇଁ ମତ ପ୍ରକାଶ ପାଇଥିଲା ଅନ୍ୟ ମାନଙ୍କ ମଧ୍ୟରେ ଆବାହକ ଅଶୋକ ପରିଡ଼ା, ସଭାପତି ଡ ଅରୁପ ଜେନା, ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ, କଂଗେସ ନେତା ଭିକାରୀ ପାଣିଗ୍ରାହୀ, ବରିଷ୍ଠ ନାଗରିକ ସଙ୍ଘ ସମ୍ପାଦକ ପ୍ରଣବ ମଣ୍ଡଳ, ସମାଜ ସେବୀ ସତ୍ୟ ନାରାୟଣ ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ ।

ସିଏମ ଟ୍ରଫି ଫୁଟବଲ ପ୍ରତିଯୋଗିତା

କେନ୍ଦୁଝରକୁ ପରାସ୍ତ କରି ଭୁବନେଶ୍ୱର ଚମ୍ପିୟାନ

କେନ୍ଦୁଝର,୧୧।୬ (ଆନିସ): ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ରାଉରକେଲାର ବିର୍ସା ମୁଣ୍ଡା ଅଥଲେଟିକ ଷ୍ଟାଡିୟମ ପଡିଆ ଠାରେ ୧୪ ବର୍ଷରୁ କମ ବାଳିକା ବିଭାଗର ସି ଏମ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣର ଫାଇନାଲ ଖେଳରେ ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର କେନ୍ଦୁଝର ଜିଲ୍ଲା ବିପକ୍ଷରେ ୧–୦ ଗୋଲରେ ଏକ କଷ୍ଟଲନ୍ତ ବିଜୟ ହାସଲ କରି ଚମ୍ପିୟାନ ଟ୍ରଫି ହାସଲ କରିଛି । ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷ ପୂର୍ଣ୍ଣ ଏହି ଫାଇନାଲ ଖେଳର ପ୍ରଥମର୍ଦ୍ଧ ଖେଳ ଆରମ୍ଭ ହେବାର ୨୪ତମ ମିନିଟରେ ଭୁବନେଶ୍ୱରର ଶକୁନ୍ତଳା ସିଙ୍କୁ ଏକ କର୍ଣ୍ଣର କିକରୁ ହେଡ଼ କରି ଦଳ ପକ୍ଷରୁ ଏହି ବିଜୟ ସୂଚକ ଗୋଲଟି ସ୍କୋର କରିଥିଲେ ଦ୍ୱିତୀୟର୍ଦ୍ଧ ଖେଳରେ ଉଭୟ ଦଳ କେତୋଟି ଗୋଲ ଦେବାର ସୁଯୋଗ ପାଇଥିଲେ ମଧ୍ୟ କୌଣସି ଦଳ ଗୋଲ ଦେବାରେ ସକ୍ଷମ ହୋପାରିନଥିଲେ ଭୁବନେଶ୍ୱର କେନ୍ଦୁଝର ବିପକ୍ଷରେ ୧–୦ ଗୋଲରେ ବିଜୟୀ ହୋଇ ଚମ୍ପିୟାନ ହେବାର ଗୌରବ ଅର୍ଜନ କରିଥିଲା ଉପ ବିଜେତା କେନ୍ଦୁଝର ଦଳ ନଗଦ ୭୫ ହଜାର ଟଙ୍କା ପାଇଥିବା ବେଳେ କେନ୍ଦୁଝରର ଅଧିନାୟକ ଜର୍ସି ନମ୍ବର ୫ ପୂଜା ଓରାମ ସି ଏମ ଟ୍ରଫି ପ୍ରତିଯୋଗିତାର ଶ୍ରେଷ୍ଠ ବାଳିକା ଖେଳାଳୀ ଭାବେ ନଗଦ ୧୫ ହଜାର ଟଙ୍କା ପୁରସ୍କାର ପାଇଥିଲେ ।

ସନ୍ଧ୍ୟାରେ ଫ୍ଲଡ ଲାଇଟରେ ଅନୁଷ୍ଠିତ ଦ୍ୱିତୀୟ ଫାଇନାଲରେ ବାଳକ ବିଭାଗରେ ବରଗଡ଼ ଜିଲ୍ଲା ଯାଜପୁର ବିପକ୍ଷରେ ୧–୦ ଗୋଲରେ ବିଜୟୀ ହୋଇ ଚମ୍ପିୟାନ ହେବାର ଗୌରବ ଅର୍ଜନ କରିଛି । ଖେଳ ଶେଷରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ ଭୋଳ, କ୍ରୀଡା ଓ ଯୁବସେବା ବିଭାଗ ଉପ ନିର୍ଦ୍ଦେଶକ ସୁଦୀପ୍ତ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କା, ଫୁଟବଲ ଆସୋସିଏସନ ଅଫ ଓଡିଶାର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ ବିଜେତା ଓ ଉପ ବିଜେତା ଦଳ ଏବଂ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ବିଜେତା ଦଳକୁ ଟ୍ରଫି ସହ ନଗଦ ଏକ ଲକ୍ଷ ଟଙ୍କା ଏବଂ ଉପବିଜେତା ଦଳକୁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ପୁରସ୍କାର ବିତରଣ ଶେଷରେ ଓଡିଶା ଅଲିମ୍ପିକ ଆସୋସିଏସନର ସାଧାରଣ ସମ୍ପାଦକ ତଥା ଫାଓର ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ଧନ୍ୟବାଦ ଅର୍ପଣ କରିଥିଲେ

କନ୍ଧମାଳରେ ଏସଓଜି ଓ ଡିଭିଏଫ୍ ଯବାନଙ୍କ କମ୍ବିଙ୍ଗ ଅପରେସନ, ବିପୁଳ ମାଓ ସମାଗ୍ରୀ ଜବତ

ଫୁଲବାଣୀ, ୧୧।୬ (ଆନିସ): କନ୍ଧମାଳ ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ମାଓ ମୁକ୍ତ ହେବା ପରେ ପୋଲିସର ଏବେ ମଧ୍ୟ ସର୍ଚ୍ଚ ଅପରେସନ ଜାରି ରହିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଗଙ୍ଗପଦର , ପୋଡ଼ମହା, ପାଜିମାହା, ଟେଙ୍ଗେରି ଓ ବାଲି ମାହା ଅଞ୍ଚଳରେ ଦୁଇଟି ଏସ ଓ ଜି ଓ ଗୋଟଏ ଡିଭି ଏଫ୍ ଟିମ୍ ଗତ କାଲି ସର୍ଚ୍ଚ ଅପରେସନ ବେଳେ ବିପୁଳ ପରିମାଣରେ ମାଓ ସାମଗ୍ରୀ ଜବତ କରିଛନ୍ତି ପୂର୍ବରୁ କନ୍ଧମାଳ ଜିଲ୍ଲାରେ ମାଓସଙ୍ଗଠନ ଗୁଡିକ ସକ୍ରିୟ ଥିବା ବେଳେ ଏହି ମାଓ ସମାଗ୍ରୀ କିଛି କିଛି ଜାଗାରେ ଲୁଚାଇ ରଖିଥିଲେ ମାଓ